ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.143 Bhubaneswar Thursday July 21 2022 | ୨୫ତମ ବର୍ଷ ସଂଖ୍ୟା-୧୪୩ ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

## ପିଲାଙ୍କ ମୁହଁରୁ ଛଡ଼ାଇ ନେଲେ ଦାନା, ୬ ମାସର ମଧ୍ୟାହ୍ନ ଭୋଜନ ହଡପ



ବଲାଙ୍ଗିର,୨୦।୭(ପି.ଏନ) : ପିଲାଙ୍କ ମୁହଁରୁ ଛଡ଼ାଇ ନେଲେ ଦାନା। ୬ ମାସର ମଧ୍ୟାହ୍ନ ଭୋଜନ ଖାଇଦେଲେ ଟ୍ରାନ୍ସପୋର୍ଟ ଏଜେଣ୍ଟ ଓ ଶିକ୍ଷା ବିଭାଗର ବଡବାବୁମାନେ। ଚଳିତ ବର୍ଷ ପ୍ରଥମ ୩ ମାସ ଓ ଏହା ପରବର୍ତ୍ତୀ ୩ ମାସ ଏଭଳି ୬ ମାସର ମଧ୍ୟାହ୍ନ ଭୋଜନ ଚାଉଳ ହଡପ କରିଦିଆଯାଇଥିବା ଅଭିଯୋଗ ହୋଇଛି। ବଲାଙ୍ଗିର ଜିଲ୍ଲାର ଅଧିକାଂଶ ସ୍କୁଲକୁ ଏହି ମଧ୍ୟାହ୍ନ ଭୋଜନ ଚାଉଳ ମିଳିନି। ଚାଉଳ ଡିପୋରୁ ଉଠାଇବା ପରେ ଟ୍ରାନ୍ସପୋର୍ଟ ଏଜେଣ୍ଟ ଏହାକୁ ଗାଏବ କରିଦେଉଛି। ଗତ ମାସରେ ଚାଉଳ ଯୋଗାଣ ଦାୟିତ୍ୱରେ ଥିବା ଏଜେନ୍ସିକୁ ଗୋଟିଏ କାରଣ ଦର୍ଶାଅ ନୋଟିସ୍ କରି ଚୁପ୍ ବସି ଯାଇଛନ୍ତି ଜିଲ୍ଲା ଶିକ୍ଷାଧିକାରୀ। ଯାହା ତାଙ୍କ କାର୍ଯ୍ୟ ପରିଚାଳନା ଉପରେ ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ଦୁର୍ନୀତି ପେଟିର ଗୋଟିଏ ଜ୍ୱଳନ୍ତ ଛବି ପାଟଣାଗଡ ବ୍ଲକର ଡିଆଡୁଙ୍ଗୁରୀ ପ୍ରାଥମିକ ବିଦ୍ୟାଳୟ ସ୍କୁଲ। ସ୍କୁଲର ପ୍ରଧାନଶିକ୍ଷକ ଦୁର୍ବାଦଳ ସାହୁ କହିଛନ୍ତି, ଚଳିତ ବର୍ଷ ଜାନୁଆରୀରୁ ମାର୍ଚ୍ଚ ୩ ମାସର ମଧ୍ୟାହ୍ନ ଭୋଜନ ଚାଉଳ ସେମାନଙ୍କୁ ମିଳିନି। ତେଣୁ ଏହା ପିଲାଙ୍କୁ ବଣ୍ଟନ ହୋଇପାରିନି। ମାତ୍ର ଜୁଲାଇ ମାସ ପାଇଁ ଆବଶ୍ୟକ ଚାଉଳ ମିଳିସାରିଛି। କିଛି ବସ୍ତା ଭିଟାମିନ ଚାଉଳ ଥିବା ବେଳେ ବାକି ସାଧା ଚାଉଳ ଦିଆଯାଇଛି। ଏନେଇ ସେ ସିଆରସିସିଙ୍କୁ କହିଛନ୍ତି। ସେହିପରି ନକଟାସର ସ୍କୁଲ ଶିକ୍ଷୟିତ୍ରୀ ତିଲୋତ୍ତମା କାଲସାଏ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ତାଙ୍କ ସ୍କୁଲକୁ ମଧ୍ୟ ଚଳିତ ମାସର ଚାଉଳ ଦିଆଯାଇଛି। ମାତ୍ର ଜନୁଆରୀ ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ୩ ମାସର ଚାଉଳ ମିଳିନି। ଯେଉଁ ସ୍କୁଲକୁ ଗଲେ ସମାନ ସମସ୍ୟା କାହାକୁ ଗତ ୩ ମାସର ତ କାହାକୁ ଗତ ୬ ମାସର ଏମ୍ ?ଡିଏମ୍ ଚାଉଳ ମିଳିନି। ତେଣୁ ପିଲାମାନଙ୍କୁ ଏହା ବଣ୍ଟନ କରାଯାଇନି।ଟ୍ରାନ୍ସପୋର୍ଟ ଏଜେଣ୍ଟ ତୋଫାନ ମେହେରଙ୍କୁ ଏନେଇ ପଚାରିଲେ ସେ କିଛି ବି କହିବାକୁ ନାରାଜ।ଜିଲ୍ଲା ଶିକ୍ଷା ଅଧିକାରୀ ଗତ ଜୁନ ମାସ ୯ ତାରିଖରେ ଟ୍ରାନସପୋର୍ଟ ଏଜେଣ୍ଟ ତୋଫାନ ମେହେର ଏ ବାବଦରେ ଏକ ନୋଟିସ୍ କରିଥିଲେ। ୨୦୨୨ ମସିହା ଜାନୁୟାରୀରୁ ମାର୍ଚ୍ଚ ମାସ ଯାଏଁ ଓ ଏପ୍ରିଲରୁ ଜୁନ ମାସ ଯାଏଁ ଦୁଇଟି କ୍ୱାର୍ଟରରେ ଅନେକ ସ୍କୁଲରେ ମଧ୍ୟାହ୍ନ ଭୋଜନ ଚାଉଳ ପହଞ୍ଚି ନ ଥିବା ସେ ଲେଖିଛନ୍ତି। ଠିକ୍ ସମୟରେ ଚାଉଳ ପହଞ୍ଚାଇବାକୁ ମଧ୍ୟ ଏଥିରେ ତାଗିଦ୍ କରାଯାଇଛି। ଚାଉଳ କାହିଁକି ପହଞ୍ଚି ଉତ୍ତର ଦେବାକୁ କହିଥିଲେ। ଜୁନ୍ ଯାଇଁ ଜୁଲାଇ ପୂରିବାକୁ ବସିଛି। ହେଲେ ଏ ପର୍ଯ୍ୟନ୍ତ ସ୍କୁଲମାନଙ୍କରେ ଛାତ୍ରଛାତ୍ରୀଙ୍କ ବକେୟା ମଧ୍ୟାହ୍ନ ଭୋଜନ ଚାଉଳ ପହଞ୍ଚି ପାରିଲାନାହିଁ। ଯାହାକୁ ନେଇ ଅସନ୍ତୋଷ ଓ ଚାଉଳ ହଡପ ଅଭିଯୋ ଉଠିଛି।ଜିଲ୍ଲାରେ ଏକମାତ୍ର ଟ୍ରାନସପୋର୍ଟ ଏଜେଣ୍ଟ ତୋଫାନ ମେହେର ପୂରା ଜିଲ୍ଲାକୁ ଏମଡିଏମ ଚାଉଳ ଯୋଗାଣ କରୁଛନ୍ତି। ଚାଉଳ ଦେବାରେ ବହୁ ଗୋଳମାଳ କରିବା ସତ୍ତ୍ୱ ତାଙ୍କ ଉପରେ ଜିଲ୍ଲା ଓ ବ୍ଲକ ଶିକ୍ଷାଧିକାରୀମାନଙ୍କର ଅହେତୁକ ଅନୁକମ୍ପା ରଖିଛନ୍ତି।ପାଟଣାଗଡ ବ୍ଲକ ସ୍କୁଲ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ମେହେର କହିଛନ୍ତି। ଜାନୁଆରୀ ଠାରୁ ମାର୍ଚ୍ଚ, ଏପ୍ରିଲ ଠାରୁ ଜୁନ୍ ପର୍ଯ୍ୟନ୍ତ ମୋଟ ୬ ମାସର ମଧ୍ୟାହ୍ନ ଭୋଜନ ଚାଉଳ ଅନେକ ସ୍କୁଲକୁ ମିଳିନି। ଡିପୋରୁ ଏହି ଚାଉଳ ଉଠିଛି। ହେଲେ ସ୍କୁଲରେ ପହଞ୍ଚିନି। ବାଟରେ ଏହାକୁ ବିକ୍ରି କରି ଟଙ୍କା ଖାଉଛନ୍ତି। ଏହାର ତଦନ୍ତ ହେବା ଉଚିତ।ପାଟଣାଗଡ ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମେହେର କହିଛନ୍ତି, ସବୁ ସ୍କୁଲକୁ ଠିକ୍ ଭାବେ ଚାଉଳ ପହଞ୍ଚି ସାରିଥିବା ତାଙ୍କ ପାଖରେ ଖବର ଅଛି। ଚାଉଳ ନ ପହଞ୍ଚିବା ନେଇ କୌଣସି ପ୍ରଧାନଶିକ୍ଷକ ତାଙ୍କୁ ଜଣାଇ ନାହାନ୍ତି। ତଥାପି ଏହି ଅଭିଯୋଗ ଉପରେ ତଦନ୍ତ କରିବେ।ଏନେଇ ଯୋଗାମୁଣ୍ଡା ଆରଏନ୍ ?ସି ଗୋମାମ ଇନ୍ ?ଚାର୍ଜ ସନ୍ତୋଷ ସିଂହ କହିଛନ୍ତି, ଗତ ତୃତୀୟ କ୍ୱାର୍ଟର ଓ ଚଳିତ ପ୍ରଥମ କ୍ୱାର୍ଟର କୋଟା ଏମ୍ ?ଡିଏମ୍ ଚାଉଳ ଉଠି ସାରିଛି। ଏବେ ସେକେଣ୍ଡ କ୍ୱାର୍ଟର କୋଟା ଉଠୁଛି। ଖୁବ୍ ଶୀଘ୍ର ପିଲାଙ୍କୁ ଦିଆଯିବ। ଏଥିରୁ ସ୍ପଷ୍ଟ ହୋଉଛି ଏମ୍ ?ଡିଏମ୍ ଚାଉଳ ଉଠି ସାରିଛି। ହେଲେ ପିଲାଙ୍କୁ ଦିଆଯାଇନି। ଯାହା ପିଲାଙ୍କ ମଧ୍ୟାହ୍ନ ଭୋଜନ ଚାଉଳ ହଡପ କରାଯାଇଥିବା ସ୍ପଷ୍ଟ କରିଛି।ତେବେ ବଲାଙ୍ଗିର ଜିଲ୍ଲା ଶିକ୍ଷାଧିକାରୀ ଏହି ଘଟଣା ନେଇ ନିରବ ରହିଛନ୍ତି। ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି।ନିୟମ ମୁତାବକ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚିଠି ଆସିବା ପରେ ତାଙ୍କ ପକ୍ଷରୁ ନିଯୁକ୍ତ ବ୍ୟକ୍ତିଙ୍କୁ ଚାଉଳ ଦିଆଯାଇଥାଏ। ସେ ବାଣ୍ଟିବା ଦାୟିତ୍ୱ ନେଇଥାଏ। ଜିଲ୍ଲା ଶିକ୍ଷାଧିକାରୀ ନିଯୁକ୍ତ କରିଥିବା ବ୍ୟକ୍ତି ଚାଉଳ ଉଠାଇଛି, ହେଲେ ବାଣ୍ଟିନି। ତେଣୁ ଏଥିରେ ଅସାଧୁମେଣ୍ଟ କାମ କରୁଥିବା ଜଳଜଳ ପ୍ରତିୟମାନ ହୋଇଛି।

## ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେଇଛନ୍ତି ୨ କଂଗ୍ରେସ ବିଧାୟକ : ମୋହନ ମାଝୀ

ଭୁବନେଶ୍ୱର,୨୦।୭(ପି.ଏନ): ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିଛନ୍ତି ଓଡିଶାର ୨ ଜଣ କଂଗ୍ରେସ ବିଧାୟକ। କେବଳ ମହମ୍ମଦ ମୋକିମ୍ ନୁହଁନ୍ତି, ତାଙ୍କ ସହିତ ଆଉ ଜଣେ କଂଗ୍ରେସ ବିଧାୟକ ମଧ୍ୟ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେଇଥିବା କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ।ସେ କହିଛନ୍ତି, ରାଷ୍ଟ୍ରପତି ନିର୍ବାଚନରେ ମାଟିର ଝିଅକୁ ସମସ୍ତେ ସମର୍ଥନ କଲେ। କଂଗ୍ରେସ ବିଧାୟକ ମହମ୍ମଦ ମୋକିମ୍ ମଧ୍ୟ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଜଣାଇଲେ। ତାଙ୍କ ଦଳର ଆଉ ଜଣେ ବିଧାୟକ ମଧ୍ୟ ଦ୍ରୌପଦୀଙ୍କୁ ଭୋଟ୍ ଦେଇଛନ୍ତି। ଯାହାକି ଆସନ୍ତାକାଲି ସ୍ପଷ୍ଟ ହୋଇଯିବ ବୋଲି ମୋହନ ମାଝୀ କହିଛନ୍ତି।ଅପରପକ୍ଷରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଆମ ଦଳର ବିଧାୟକ ଯିଏକି ଏନ୍ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ ଦେଲେ ସେ ମର୍ଦ୍ଦପିଲା ଭଳି କହିଲେ। କିନ୍ତୁ ଗଣତନ୍ତ୍ର ସୁରକ୍ଷା ପାଇଁ ବିଜେପିର ଦୁଇରୁ ତିନି ଜଣ ବିଧାୟକ ମିଳିତ ବିରୋଧୀ ପ୍ରାର୍ଥୀ ଯଶୋବନ୍ତ ସିହ୍ନାଙ୍କୁ ଭୋଟ ଦେଇଛନ୍ତି। ଆମର ଯିଏ ଭୋଟ ଦେଇଛନ୍ତି, ସେ ଖୋଲା ଖୋଲି କହିଛନ୍ତି। ତାଙ୍କ ପରି ଲୁଚା ଛପାରେ ଭୋଟ ଦେଇନାହାନ୍ତି। ଜୁଲାଇ ୨୧ ତାରିଖରେ ସବୁ ସ୍ପଷ୍ଟ ହେବ। ଆମକୁ ଭୋଟ ଦେବାକୁ ଡିଲ କରିଥିଲେ। ଗଣତି ପରେ ଆମେ ସବୁ କହିବୁ ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି, ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟିଂରେ ବିରୋଧୀ ଦଳ ପ୍ରାର୍ଥୀ ଶ୍ରୀ ସିହ୍ନାଙ୍କୁ ୧୨୮ ଜଣ ବିଧାୟକ ଭୋଟ ଦେଇଛନ୍ତି। ମୋ ଭୋଟ ସୂର୍ଯ୍ୟ ଚନ୍ଦ୍ର ବି ବଦଳେଇ ପାରିବେନି। ସିହ୍ନାଙ୍କ ନାଁ ଦୁଇ ନମ୍ବରରେ ଥିଲା। ମୁଁ ସେଥିରେ ଦେଇଛି। ମୋହନ ମାଝିଙ୍କୁ କିଏ କହିଛି ସେ କୁହନ୍ତୁ।ସୂଚନାଯୋଗ୍ୟ ଯେ ଗତ ୧୮ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ ଗ୍ରହଣ ହୋଇଥିଲା। କଂଗ୍ରେସ ଯଶବନ୍ତ ସିହ୍ନାଙ୍କୁ ସମର୍ଥନ ନେଇ ଘୋଷଣା କରିଥିବା ବେଳେ ବିଧାୟକ ମହମ୍ମଦ ମୋକିମ୍ ଦଳୀୟ ନିଷ୍ପତି ବିରୁଦ୍ଧରେ ଯାଇ ଦ୍ରୌପଦୀଙ୍କୁ ଭୋଟ୍ ଦେଇଥିଲେ। ଯାହାକୁ ନେଇ ରାଜ୍ୟ କଂଗ୍ରେସରେ ହଟଚମଟ ସୃଷ୍ଟି ହୋଇଥିଲା। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ସମେତ କଂଗ୍ରେସ ବିଧାୟକମାନେ ମୋକିମ୍ଙ୍କୁ ସମାଲୋଚନା କରିଥିଲେ ଏବଂ ହାଇକମାଣ୍ଡଙ୍କ ନିକଟରେ ଫେରାଦ ହୋଇଥିଲେ।

## ଗୃହରେ ଉଠିଲା ବିହନ ଅଭାବ, ବିହନ ଗଜା ନ ହେବା ପ୍ରସଙ୍ଗ, ଉଦବେଗ ପ୍ରକାଶ କଲେ ଶାସକ ଓ ବିରୋଧୀ

ଭୁବନେଶ୍ୱର,୨୦।୭(ପି.ଏନ): ରାଜ୍ୟରେ ବିହନ ଅଭାବ, ଚାଷୀ ମାନଙ୍କୁ ସଠିକ ସମୟରେ ବିହନ ନମିଳିବା ଓ କେତେକ ସ୍ଥାନରେ ବିହନ ଗଜା ହେଉ ନ ଥିବା ନେଇ ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟ ମାନେ ଉଦବେଗ ପ୍ରକାଶ କରିଛନ୍ତି । ସଭ୍ୟ ଅମର ପ୍ରସାଦ ସତପଥୀଙ୍କ ମୂଳ ପ୍ରଶ୍ନ ଉପରେ ପ୍ରଶ୍ନକାଳରେ ଆଲୋଚନା ବେଳେ ଉଭୟ ଶାସକ ଓ ବିରୋଧୀ ବିଧାୟକ ମାନେ ଏ ନେଇ ପ୍ରଶ୍ନ କରିଛନ୍ତି । ଏ ପ୍ରସଙ୍ଗରେ କୃଷି ମନ୍ତ୍ରୀ କହିଛନ୍ତି ଯେ ୨୦୨୨-୨୩ରେ ୩୩ଲକ୍ଷ ୧୯ ହଜାର୩୯୦ ହେକ୍ଟର ଜମିରେ ଧନ ଚାଷ କରିବାକୁ ସରକାର ଲକ୍ଷ ରଖିଛନ୍ତି। ସେଥିପାଇଁ ୧୩ ଲକ୍ଷ ୨୭ ହାଜର ୭୬୦ କୁଇଂଟାଲ ବିହନ ଆବଶ୍ୟକ ରହିଛି। ସେଥିରୁ ୪ ଲକ୍ଷ ୭୫ ହଜାର ୨୪୪ କୁଇଂଟାଲ ବିହନ ବିଭିନ୍ନ ରାଜ୍ୟରୁ ଆଣି ଚାଷୀଙ୍କୁ ଯୋଗାଇଛନ୍ତି। ରାଜ୍ୟରେ ବିହନ ଉତ୍ପାଦନ ପାଇଁ ୫୨୦୦ ଚାଷୀ ନିଯୋଜିତ କରିଛନ୍ତି। ଅନ୍ୟ ପକ୍ଷରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ଯେ - ଭାରତ ସରକାରଙ୍କ ବିହନ ନିୟମ ଅନୁସାରେ, ୧୦ ବର୍ଷରେ ଥରେ ବିହନ ପରିବର୍ତ୍ତନ ହୋଇଥାଏ। ସେଥିପାଇଁ ପୁରୁଣା ବିହନ ସରକାରଙ୍କ ପାଖରେ ନାହିଁ। ବର୍ତ୍ତମାନ ସୁଦ୍ଧା ୭୫ଟି ନୂଆ ବିହନ ସରକାର ଯୋଗାଉଛନ୍ତି । ବର୍ତ୍ତମାନ ୨୨ଟି ବେସରକାରୀ ସଂସ୍ଥା ବିହନ ଯୋଗାଉଥିବା ବେଳେ ୯୦ଟି ବେସରକାରୀ ସଂସ୍ଥା ରାଜ୍ୟ ବିହନ ନିଗମ ସହ ଚୁକ୍ତି କରିଛନ୍ତି। ଯେଉଁଠି ଗଜା ମରୁଡି ହୋଇଛି ।

## ସାର ବିତରଣରେ ଅନିୟମିତତା : ଅସାଧୁ ବ୍ୟବସାୟୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୭(ପି.ଏନ): ଚଳିତ ଖରିଫରେ ଆବଶ୍ୟକ ସାରର ସୁଷମ ବଂଟନକୁ ସୁନିଶ୍ଚିତ କରିବା ଏବଂ ଚାଷୀମାନେ ଯେପରି ଠିକ୍ ସମୟରେ ଉଚିତ ମୂଲ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ପାଇବେ ସେଥି ନିମନ୍ତେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସାରର ଯୋଗାଣ ଓ ବଂଟନକୁ ବ୍ୟବସ୍ଥିତ କରିବା ପାଇଁ ଯାଂଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ମୁଖ୍ୟ ଶାସନ ସଚିବ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସଂଜୀବ ଚୋପ୍ରା ସମସ୍ତ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି ସାର ବିକ୍ରିର ଯାଂଚ ବ୍ୟବସ୍ଥାକୁ ବ୍ୟାପକ ଓ କଡ଼ାକଡ଼ି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ସାରର ମହଜୁଦ ଓ କଳାବଜାରୀକୁ ରୋକିବା ଉଦ୍ଦେଶ୍ୟରେ ସତର୍କ ଦୃଷ୍ଟି ରଖିବା ନିମନ୍ତେ ଜିଲ୍ଲା ଓ ବ୍ଲକ୍ ସ୍ତରରେ ଯାଂଚକାରୀ ଦଳକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ନିମନ୍ତେ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଚାଷୀମାନଙ୍କ ନିକଟରେ ପର୍ଯ୍ୟାପ୍ତ ପରିମାଣରେ ସାର ଉପଲବ୍ଧ କରାଇବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ କୋଅପରେଟିଭ୍ ସଂସ୍ଥାର ଡିଲର ଏବଂ ଘରୋଇ ଡିଲରମାନଙ୍କୁ ସାର ଯୋଗାଇ ଦିଆଯାଇଛି। ସାର ସଂଗ୍ରହକାରୀ ସଂସ୍ଥା ମାର୍କଫେଡ୍ ଓ ଓଡ଼ିଶା କୃଷି ଶିଳ୍ପ ନିଗମ ମାଧ୍ୟମରେ ଆବଶ୍ୟକ ପରିମାଣର ୟୁରିଆ ସାର ଯଥେଷ୍ଟ ପୂର୍ବରୁ ଡିଲରମାନଙ୍କୁ ଯୋଗାଇଦେବାର ବନ୍ଦୋବସ୍ତ କରାଯାଇଛି।ଏଥି ସହିତ ରାଜ୍ୟର ଆବଶ୍ୟକତା ଅନୁସାରେ ଡିଏପି ଓ ପଟାସ ସାର ଯୋଗାଇଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି।ଚାଷୀଙ୍କୁ ସାର ଯୋଗାଣକୁ ସୁବ୍ୟବସ୍ଥିତ କରିବା ପାଇଁ ବିଭାଗ ପକ୍ଷରୁ ପ୍ରତି ଜିଲ୍ଲାରେ ବିଭାଗୀୟ ଯାଂଚକାରୀ ଦଳ ଗଠନ କରାଯାଇଛି । ପ୍ରତି ବ୍ଲକ୍ ରେ ଅଧିସୂଚିତ କ୍ଷେତ୍ରୀୟ ଅଧିକାରୀଙ୍କୁ ସାର ନିରୀକ୍ଷକ ଭାବେ ନିୟୋଜିତ କରାଯାଇଛି । ଜିଲ୍ଲା ଓ କ୍ଷେତ୍ର ସ୍ତରରେ ଯାଂଚ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ ଓ କଡ଼ାକଡ଼ି କରିବା ଦିଗରେ ଜିଲ୍ଲାପାଳମାନେ ପଦକ୍ଷେପ ନେବା ସହିତ ଯାଂଚ କାରୀ ଦଳଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବା ପାଇଁ ପତ୍ରରେ କୁହାଯାଇଛି । ଏଥି ସହିତ ବିଭିନ୍ନ ର୍ୟାକ୍ ପଏଂଟରୁ ନିର୍ଦ୍ଧାରିତ ଜିଲ୍ଲାମାନଙ୍କୁ ସାରର ବିତରଣ ଓ ଯୋଗାଣ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଅନୁରୋଧ କରାଯାଇଛି ।

## ଆଜି ଅପରାହ୍ନରେ ଶ୍ରୀଜୀଉଙ୍କ ବନକଲାଗି : ୫ ଘଂଟା ବନ୍ଦ ରହିବ ଦର୍ଶନ

ପୁରୀ,୨୦।୭(ପି.ଏନ): ଶ୍ରାବଣ ମାସ କୃଷ୍ଣ ପକ୍ଷ ସପ୍ତମୀ ତିଥିରେ ଆଜି ଶ୍ରୀଜୀଉ ମାନଙ୍କ 'ବନକଲାଗି' ବା' ଶ୍ରୀମୁଖ ସିଂହାର'ନୀତି ଅନୁଷ୍ଠିତ ହେବ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ପରେ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ଆପାତତଃ ଅପରାହ୍ନ ୫ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂତ୍ରରୁ ପ୍ରକାଶ ।ଶ୍ରୀଜୀଉ ମାନଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବାକୁ ବନକଲାଗି ନୀତି କୁହାଯାଏ। ଏହା ଏକ ଗୁପ୍ତ ସେବା । ତେଣୁ ଶ୍ରୀବିଗ୍ରହ ମାନଙ୍କ ଏହି ଗୁପ୍ତ ନୀତି ସମୟରେ ଦର୍ଶନ ବନ୍ଦ ରହିଥାଏ । ଦଇତାପତି ମାନେ ଶ୍ରୀଜିଉଙ୍କ ଏହି ସେବା କାର୍ଯ୍ୟ କରିଥାନ୍ତି । ଶ୍ରୀଜୀଉଙ୍କ ଶ୍ରୀମୁଖ ଶୃଙ୍ଗାର ନୀତିରେ ପ୍ରାକୃତିକ ରଙ୍ଗ ହିଙ୍ଗୁଳ, ହରିତାଳ, ପ୍ରିୟଙ୍ଗୁ, କସ୍ତୁରୀ, ପ୍ରାକୃତିକ କଳା, ଧଳା ଓ ନାଳି ରଙ୍ଗର ବ୍ୟବହାର ହୋଇଥାଏ ।

## ମାଟ୍ରିକ ପରୀକ୍ଷା ନେଇ ନାହାନ୍ତି ୪୪୨୪୫ ଜଣ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୦।୭(ପି.ଏନ): ଚଳିତ ୨୦୨୨ ବର୍ଷର ମାଟ୍ରିକ ପରୀକ୍ଷାରେ ୪୪୨୪୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ଏ ବିଷୟରେ ତଦନ୍ତ କରିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ। ଏହାସହ ଅନୁପସ୍ଥିତ ଥିବା ପିଲାଙ୍କ ଜିଲ୍ଲାୱାରୀ ତାଲିକା ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନିପତିଙ୍କ ପ୍ରଶ୍ନରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ଲିଖିତ ଉତରରୁ ଏହି ସୂଚନା ମିଳିଛି। ସରକାର ଦେଇଥିବା ତାଲିକାରେ ସବୁଠୁ ଉପରେ ରହିଛି ମୟୁରଭଞ୍ଜ ଜିଲ୍ଲା । ମୟୁରଭଞ୍ଜ ଜିଲ୍ଲାରୁ ସର୍ବାଧିକ ୪୪୬୨ ପିଲା ଅନୁପସ୍ଥିତ ଥିଲେ ।ସେହିପରି ଗଞ୍ଜାମ ଜିଲ୍ଲାରେ ୩୨୭୩ ପିଲା ମାଟ୍ରିକ ପରୀକ୍ଷା ରେ ଅନୁପସ୍ଥିତ ରହିଥିଲେ ।

## ବିଜେବି କଲେଜରେ ପୁଣି ରାଗିଂ ଅଭିଯୋଗ

ଭୁବନେଶ୍ୱର, ୨୦।୭(ପି.ଏନ): ଭୁବନେଶ୍ୱର ବିଜେବି କଲେଜରେ ପୁଣି ରାଗିଂ ଅଭିଯୋଗ ଆସିଛି। +୨ ଦ୍ୱିତୀୟ ବର୍ଷ କଳା ବିଭାଗର ଜଣେ ଛାତ୍ରଙ୍କୁ ଏକାଧିକ ସିନିୟର୍ ନିର୍ଯାତନା ଦେବା ସହ ପିଟିଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ବଡ଼ଗଡ଼ ଥାନାରେ ସମ୍ପୃକ୍ତ ଛାତ୍ର ଓ ଅଭିଭାବକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ନେଇ କଲେଜ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ନିକଟରେ ବିଜେବି କଲେଜର ଯୁକ୍ତ ୩ ଛାତ୍ରୀ ରୁଚିକା ମହାନ୍ତି ରାଗିଂ ଯୋଗୁଁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା।

## ମାଟ୍ରିମୋନି ସାଇଟ୍‌ରୁ ପରିଚୟ ପରେ ୨୪ ଲକ୍ଷ ଟଙ୍କା ଠକି ନେଲେ ଯୁବତୀ

ଭୁବନେଶ୍ୱର,୨୦।୭(ପି.ଏନ): ମାଟ୍ରିମୋନିଆଲ୍ ସାଇଟ୍ ରେ ନିଜ ପାଇଁ କନ୍ୟା ଖୋଜିବାକୁ ଯାଇ ୨୪ ଲକ୍ଷ ଟଙ୍କାର ଠକାମିର ଶୀକାର ହୋଇଛନ୍ତି ଜଣେ ଆଇଟି ଇଂଜିନିୟର। ଏନେଇ ଖୋର୍ଦ୍ଧା ଜଟଣୀ ଅଂଚଳର ଜଣେ ଯୁବକ ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିଛନ୍ତି । ଯୁବକଙ୍କ ଅଭିଯୋଗ ଅନୁଯାୟୀ ବିବାହ ପାଇଁ ସେ ମାଟ୍ରିମୋନି ସାଇଟ୍ ରେ ରେଜିଷ୍ଟ୍ରେସନ୍ କରିଥିଲେ। ସେଠାରେ ସର୍ଚ୍ଚ କରୁଥିବା ବେଳେ ଜଣେ ଯୁବତୀଙ୍କ ହାବୁଡ଼ରେ ପଡ଼ିଥିଲେ। ଯୁବତୀ ଜଣକ ନିଜକୁ ବାଲେଶ୍ୱର ଜିଲ୍ଲାର ଝିଅ ବୋଲି ପରିଚୟ ଦେଇଥିଲେ। ନିଜର ନାଁ ପ୍ରିୟା ଗୁପ୍ତା କହିଥିଲେ। ସେ କାଲିଫର୍ଣ୍ଣିଆରେ ରହି ମେଡିକାଲ ପଢୁଥିବା କହିଥିଲେ। ପରିଚୟ ପରେ ଉଭୟ ଦୀର୍ଘ ଦିନ ଧରି ଚାଟିଂ କରୁଥିଲେ । ଦୀର୍ଘ ୬ ମାସ ଧରି ଚାଲିଥିଲା ଏମିତି କଥାବାର୍ତ୍ତା। ପ୍ରିୟା ୭୦ ହଜାର ଡଲାର ଧରି ଭାରତ ଆସିଥିବା ବେଳେ ଦିଲୀ ବିମାନ ବନ୍ଦରରେ ଫସି ଯାଇଥିବା ଯୁବକଙ୍କୁ କହିଥିଲେ।

## କୋଭିଡକୁ ନେଇ ଅଯଥା ଆତଙ୍କିତ ହୁଅନ୍ତୁ ନାହିଁ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର

ଭୁବନେଶ୍ୱର,୨୦।୭(ପି.ଏନ): ରାଜ୍ୟରେ କରୋନା ସଂକ୍ରମଣର ଯେଉଁ ବୃଦ୍ଧି ଦେଖାଯାଉଛି, ତାହା ଉଦବେଗଜନକ ନାହିଁ । ତେଣୁ କୋଭିଡକୁ ନେଇ ଅଯଥା ଆତଙ୍କିତ ହେବାର କୌଣସି କାରଣ ନାହିଁ । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କରୋନା ସଂକ୍ରମଣ ବୃଦ୍ଧି ଉପରେ ପ୍ରତିକ୍ରିୟା ପ୍ରକାଶ କରି ଏହା କହିଛନ୍ତି । ସେ କହିଛନ୍ତି ଯେ 'କୋଭିଡ ଏବେ ରାଇଜିଂ ଟ୍ରେଣ୍ଡରେ ଅଛି। ପଜିଟିଭ୍ ସଂଖ୍ୟା ବଢୁଛି। ଏହା କେବେ କମିବ କହି ହେବନି। ଯେପର୍ଯ୍ୟନ୍ତ ସମାନ୍ତରାଳ ସ୍ଥିତିକୁ ନ ଆସିଛି, ଏହା ଆଗକୁ ବଢ଼ିବ କି ନାହିଁ କହିପାରିବା ନାହିଁ ।

## ଆସନ୍ତାକାଲି ଇଡି ଅଫିସ୍ ଘେରିବ କଂଗ୍ରେସ

ଭୁବନେଶ୍ୱର, ୨୦।୭(ପି.ଏନ): ସୋନିଆ ଗାନ୍ଧିଙ୍କୁ ଇଡିର ଦ୍ୱିତୀୟ ସମନର ପ୍ରତିବାଦରେ ଆସନ୍ତାକାଲି (ଗୁରୁବାର) ଇଡି ଅଫିସ ଘେରାଉ କରିବ କଂଗ୍ରେସ। ୨୧ ତାରିଖରେ କଂଗ୍ରେସ କାର୍ଯ୍ୟକର୍ତା ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟରୁ ପଦଯାତ୍ରାରେ ବାହାରି ଇଡି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବେ। ସେହିପରି ୨୨ରେ ସବୁ ଜିଲ୍ଲା ମୁଖ୍ୟାଳୟରେ ପ୍ରତିକାତ୍ମକ ପ୍ରତିବାଦ କରାଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ୫ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୦।୭(ପି.ଏନ): ମୌସୁମୀ ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର କେନ୍ଦୁଝର, ମୟୂରଭଂଜ, ସୁନ୍ଦରଗଡ଼, ଗଂଜାମ, ପୁରୀ, ଜଗତସିଂହପୁର ଓ ଯାଜପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ସହ ପ୍ରବଳ ବର୍ଷା ଓ ବଜ୍ରପାତ ହେବାର ସମ୍ଭାବନା ରହିଛି ।

## ଏସ୍‌ବିଆଇ ପକ୍ଷରୁ ଆର୍ମି ସେଂଟ୍ରାଲ୍ ୱେଲ୍‌ଫେୟାର୍ ଫଣ୍ଡ୍‌କୁ ୪.୭୦ କୋଟି ଟଙ୍କାର ସହାୟତା ପ୍ରଦାନ

ଭୁବନେଶ୍ୱର,୨୦।୭(ପି.ଏନ): ସେନା ବାହିନୀକୁ ସହାୟତା ପ୍ରଦାନ କରିବାର ଉଦ୍ୟମ ସ୍ୱରୂପ ଦେଶର ସର୍ବବୃହତ ଋଣ ପ୍ରଦାନକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍(ଏସ୍‌ବିଆଇ) ପକ୍ଷରୁ ଆର୍ମି ସେଂଟ୍ରାଲ୍ ୱେଲ୍‌ଫେୟାର୍ ଫଣ୍ଡ୍‌କୁ ୪.୭୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ମୁଖ୍ୟତଃ, ଏହି ଫାଣ୍ଠି ମୋହାଲିରେ ଥିବା ଭାରତୀୟ ସେନାର ପାରାପ୍ଲେଜିକ୍ ହୋମ୍‌ର କାର୍ଯ୍ୟକଳାପ ଏବଂ ଦିବ୍ୟାଙ୍ଗ ସେନା କର୍ମଚାରୀ / ଭେଟେରାନ୍‌ଙ୍କ ଅନ୍ୟାନ୍ୟ କଲ୍ୟାଣମୂଳକ କାର୍ଯ୍ୟକଳାପ ପ୍ରତି ସହାୟତା ପ୍ରଦାନ କରିବ ।ନୂଆଦିଲ୍ଲୀରେ ଏସ୍‌ବିଆଇ ଡିଏମ୍‌ଡି ପି ସି କାଣ୍ଡପାଳ,ଏସ୍‌ବିଆଇର ସିଜିଏମ୍ ଦେବେନ୍ଦ୍ର କୁମାର ଓ ଭାରତୀୟ ସେନାର ଆଡଜୁଟାଂଟ୍ ଜେନେରାଲ୍ ଲେଫଟନାଂଟ୍ ଜେନେରାଲ୍ ସି ବି ପୋପନ୍ନାଙ୍କ ଉପସ୍ଥିତିରେ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ୍ ମନୋଜ ପାଣ୍ଡେଙ୍କୁ ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ ଖାରା ଚେକ୍ ହସ୍ତା'ର କରିଛନ୍ତି ।ଏହି ଚେକ୍ ହସ୍ତା'ର ଅବସରରେ ଏସ୍‌ବିଆଇର ଅଧ୍ୟକ୍ଷ ଶ୍ରୀ ଦିନେଶ ଖାରା କହିଛନ୍ତି ଯେ, 'ସାରା ଦେଶରେ ପ୍ରତିରକ୍ଷା କର୍ମଚାରୀଙ୍କୁ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା ପ୍ରଦାନ କରିବାରେ ଏହାର ପ୍ରତିବଦ୍ଧତା ପାଇଁ ଏସ୍‌ବିଆଇ ଗର୍ବିତ ମନେ କରୁଛି। ଏସ୍‌ବିଆଇରେ ଆମେ ନିର'ର ନବସୃଜନ ଜାରି ରଖିବାକୁ ଏବଂ ବ୍ୟାଙ୍କିଙ୍ଗ୍ ସମାଧାନ ଆଣିବାକୁ ଲକ୍ଷ୍ୟ ରଖିଛୁ ଯାହା ସୀମାରେ ରହୁଥିବା ହିରୋ ଓ ସେମାନଙ୍କ ପରିବାରର ଜୀବନରେ ମୂଲ୍ୟ ଯୋଡ଼ିବ। ଆମ ଦେଶର ସୁରକ୍ଷା ପାଇଁ ଏହି ହିରୋମାନେ ନିଜ ଜୀବନର ସଂକଳ୍ପ କରୁଥିବା ଦେଖି ଆମେ କୃତଜ୍ଞ ମନେ କରୁଛୁ। ତେଣୁ, ଆମ ତରଫରୁ ଛୋଟ ଉଦ୍ୟମ ସ୍ୱରୂପ ଆମେ ଆମ ଶ୍ରେଷ୍ଠ ଦକ୍ଷତା ସହ ପ୍ରତିରକ୍ଷା ବଳକୁ ସହାୟତା ପାଇଁ ଆମର ପ୍ରତିଶ୍ରୁତି ପ୍ରଦାନ କରୁଛୁ।''ବିଭିନ୍ନ ପ୍ରକାର ଅ'ର୍ଭୁକ୍ତୀକରଣ ଓ ନିର'ରତା ଅଭିବୃଦ୍ଧି ଜରିଆରେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଅଧୀନରେ ଏହାର ଦାୟିତ୍ୱ ପୂରଣ କରିବାରେ ଏସ୍‌ବିଆଇ ଉଦାହରଣ ସୃଷ୍ଟି କରିବାରେ ଅଗ୍ରଣୀ ରହିଛି। ଏହାର ସିଏସ୍‌ଆର୍ କାର୍ଯ୍ୟକଳାପ ବାହାରେ ଏସ୍‌ବିଆଇ ସର୍ବଦା ଦେଶର ପ୍ରତିରକ୍ଷା ବଳକୁ ସେବା ପ୍ରଦାନ କରିବା ଲାଗି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରୁଛି। ଏଭଳି ଏକ ଉଦ୍ୟମ ହେଉଛି ୫୦୦ ଅଧିକ ପ୍ରତିରକ୍ଷା ସମ୍ବେଦନଶୀଳ ଶାଖା ଏବଂ ପ୍ରତିରକ୍ଷା ବ୍ୟାଙ୍କିଙ୍ଗ୍ ପରାମର୍ଶଦାତାଙ୍କ ଏକ ଉତ୍ସର୍ଗୀକୃତ ଟିମ୍ ।ପ୍ରତିରକ୍ଷା ବେତନ ପ୍ୟାକେଜ୍ ଅଧୀନରେ ଏସ୍‌ବିଆଇ ଏହାର ବ୍ୟାପକ ଶାଖା, ଏଟିଏମ୍ ଓ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ଚ୍ୟାନେଲ୍‌ରେ ପ୍ରତିରକ୍ଷା କର୍ମଚାରୀଙ୍କୁ ସହଜ, ଆରାମଦାୟକ ଓ ସୁବିଧାଜନକ ଉନ୍ନତ ବ୍ୟାଙ୍କିଙ୍ଗ୍ ସେବା ଓ ସୁବିଧା ପ୍ରଦାନ କରୁଛି।

## ଚେକିଂ ବେଳେ କନଷ୍ଟେବଲଙ୍କ ଉପରେ ଟ୍ରକ୍ ମଡାଇଦେଲେ

ଅହମଦାବାଦ,୨୦।୭(ପି.ଏନ): ହରିଆଣା ଓ ଝାରଖଣ୍ଡ ପରେ ଗୁଜରାଟରୁ ଆସିଛି ଦୁଃଖଦ ଖବର। ପୁଣିଥରେ ଚେକିଂ ବେଳେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଛନ୍ତି ଜଣେ ପୁଲିସ୍ କର୍ମଚାରୀ। ଗୁଜରାଜଟର ଆନନ୍ଦ ଜିଲ୍ଲାରେ ଚାଲିଥିବା ଚେକିଂ ବେଳେ ଜଣେ କନଷ୍ଟେବଲଙ୍କ ଉପରେ ଟ୍ରକ୍ ମଡାଇ ହତ୍ୟା କରିଛନ୍ତି ଦୁର୍ବୃତ୍ତ। ଜିଲ୍ଲାର ବୋରସାଦ ପୁଲିସ୍ ? ଷ୍ଟେସନରେ ଏହି କନଷ୍ଟେବଲ ଜଣଙ୍କ କାର୍ଯ୍ୟ କରୁଥିଲେ। ବାସାଦ-ବାଗୋଦାରା ଜାତୀୟ ରାଜପଥ ନିକଟରେ ଯାଇଥିବା ବୋରସାଦ-ଦାବାହାସି ସର୍ଭିସ ରୋଡ୍ ?ରେ ନାଇଟ ଚେକିଂ ଏପରି ଏକ ଏହି ଭୟଙ୍କର ଘଟଣା ଘଟିଛି ।ମିଳିଥିବା ସୂଚନା ଅନୁଯାୟୀ ରାତି ପ୍ରାୟ ୧ଟା ବେଳେ ସର୍ଭିସ ରୋଡ୍ ?ରେ ପୁଲିସ୍ ଚେକିଂ କରୁଥିଲା। ଏହି ସମୟରେ କନଷ୍ଟେବଲ କିରନ ରାଜ ସାମ୍ନାରୁ ଆସୁଥିବା ଗୋଟିଏ ଦ୍ରୁତଗାମୀ ଟ୍ରକ୍ ?କୁ ଅଟକାଇବାକୁ ଚାହିଁଥିଲେ। ହେଲେ ଟ୍ରକ୍ ଡ୍ରାଇଭର ଜଣଙ୍କ କିଛି ବି ଶୁଣି ନଥିଲେ। ସେ ସିଧା କନଷ୍ଟେବଲ ରାଜଙ୍କ ଉପରେ ଟ୍ରକ୍ ମଡାଇ ଦେଇଥିଲେ। ଫଳରେ ସେ ରାସ୍ତାରେ ବେଶ କିଛି ବାଟ ଛିଟିକି ପଡିଥିଲେ। ତାଙ୍କୁ ଅନ୍ୟ ପୁଲିସ୍ କର୍ମଚାରୀମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। ହେଲେ ବୁଧବାର ଦିନ ୧୦.୩୦ରେ ଚିକିତ୍ସାଧୀନ ଅବସ୍ଥାରେ ସେ ଆଖି ବୁଜିଛନ୍ତି ।ଆନନ୍ଦ ଜିଲ୍ଲାର ଏସ୍ ?ପି ଅଜିତ ରାଜିଆନ କହିଛନ୍ତି, "ଚେକିଂରୁ ବର୍ତ୍ତି ପାଇଁ ଟ୍ରକ୍ ଡ୍ରାଇଭର ଜଣଙ୍କ ଏପରି କରିଛନ୍ତି। ଏଥିପାଇଁ ତାଙ୍କ ନାଁରେ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ କନଷ୍ଟେବଲ ରାଜଙ୍କ ମୃତ୍ୟୁ ଘଟିଥିବା ବେଳେ ନାଇଟ ଡ୍ୟୁଟିରେ ଥିବା ଆଉ ଜଣେ ହୋମଗାର୍ଡ ଆହତ ହୋଇଛନ୍ତି ।"ଘଟଣା ପରେ ଟ୍ରକ୍ ? ଡ୍ରାଇଭର ଜଣକ ଫେରାର ହୋଇ ଯାଇଛି। ଏବେ ଆନନ୍ଦ ପୁଲିସ୍ ବିଭିନ୍ନ ସ୍ଥାନରେ ଚେକିଂ କରି ଫେରାର ଡ୍ରାଇଭରକୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଟ୍ରକଟି ରାଜସ୍ଥାନର ହୋଇଥିବା ବେଳେ ଏଥିରେ ଇଣ୍ଡଷ୍ଟ୍ରିଆଲ ପାଉଡର ଲୋଡ୍ ? ହୋଇଥିବା ପୁଲିସ୍ ସୂତ୍ରରୁ ଜଣାପଡିଛି ।ଏହାପୂର୍ବରୁ ମଙ୍ଗଳବାର ହରିଆଣାର ଜଣେ ଡିଏସ୍ ?ପି ସୁରେନ୍ଦ୍ର ସିଂହ ବିଷ୍ଣୋଇଙ୍କ ଉପରେ ଖଣି ମାଫିଆମାନେ ଡମ୍ପର ଚ ?ାଇ ହତ୍ୟା କରିଥିଲେ। ସେହିପରି ଆଜି ଭୋରରୁ ଝାରଖଣ୍ଡରେ ଜଣେ ମହିଳା ଏସ୍‌ଆଇଙ୍କୁ ମଧ୍ୟ ଚେକିଂ ବେଳେ ଟେମ୍ପୋ ମଡାଇ ହତ୍ୟା କରାଯାଇଥିଲା।

## ରୁଚିକାକୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର, ୨୦।୭(ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ବୁଧବାର ରୁଚିକା ମହାନ୍ତିଙ୍କ ପରିବାରକୁ ନ୍ୟାୟ, ର୍ୟାଗିଂମୁକ୍ତ କ୍ୟାମ୍ପସ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ସରକାରୀ ବାସଭବନ ଘେରାଉ କରାଯାଇଥିଲା। ରୋହିତ ପୂଜାରୀଙ୍କ ବାସଭବନ ସମ୍ମୁଖରୁ ପୋଲିସ୍ ବଳପୂର୍ବକ ୟାସିର ନୱାଜ ଏବଂ ଛାତ୍ରକଂଗ୍ରେସ କର୍ମକର୍ତାମାନଙ୍କୁ ନେଇ ଅଟକ ରଖିଥିଲା। ଏହି ପ୍ରସଙ୍ଗରେ ଶ୍ରୀ ନୱାଜ କହିଥିଲେ ଯେ, ରୁଚିକା ମହାନ୍ତିଙ୍କ ପରିବାରକୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ ପୂର୍ବରୁ ଯେତେବେଳ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରିଥିଲା, ମନ୍ତ୍ରୀ ନିଜକୁ କୋଭିଡ୍ ରୋଗୀ ବୋଲି କହି ଦାୟିତ୍ୱ ନିର୍ବାହ କାର୍ଯ୍ୟରୁ ଖସି ଯାଇଥିଲେ। ଏହାରି ମଧ୍ୟରେ ଉଚ୍ଚଶିକ୍ଷାମନ୍ତ୍ରୀ ରୁଚିକା ମହାନ୍ତିଙ୍କ ପ୍ରସଙ୍ଗରେ ପଦୁଟିଏ ନକହି ମୂକ ପାଲଟିଗଲେ। ଇତି ମଧ୍ୟରେ ଓଡ଼ିଶାର ସବୁ ଶିକ୍ଷାନୁଷ୍ଠାନ ମାନଙ୍କରେ ର୍ୟାଗିଂ ଏକ ବିଜେଡ଼ି ପ୍ରଣୀତ ଯୋଜନା ହୋଇପଡ଼ିଛି। ରୁଚିକାର ମା'କୁ ବିଜେବି କଲେଜ ଆଗରୁ ପୋଲିସ୍ ଘୋଷାଡ଼ି ଘୋଷାଡ଼ି ନେଉଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀ ଏହି ଦୃଶ୍ୟକୁ ଉପଭୋଗ କରୁଥିଲେ। ବିଜୁ ଛାତ୍ର ଜନତା ଦଳ ଏକଗୋଡ଼ାଣିଆ, ପରଶ୍ରୀକାତର, ବୋଲକରା ଛାତ୍ର ସଂଗଠନ। ଏହି ସଂଗଠନ କେବେବି ଛାତ୍ରଛାତ୍ରୀମାନଙ୍କର ସମସ୍ୟା ପ୍ରସଙ୍ଗରେ ସ୍ୱର ଉତୋଳନ କରିନାହିଁ। ବିଜୁ ଛାତ୍ର ଜନତା ଦଳ ପାଇଁ ରୁଚିକା ମହାନ୍ତି ମୃତ୍ୟୁ ପ୍ରସଙ୍ଗ ଏକ ଅପ୍ରସଙ୍ଗ ହୋଇପଡ଼ିଛି। ଓଡ଼ିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି ଯେ, ବିଜୁ ଛାତ୍ର ଜନତା ଦଳର ସମର୍ଥକ ଛାତ୍ରଛାତ୍ରୀମାନେ କ୍ୟାମ୍ପସରେ ର୍ୟାଗିଂ ଓ ଜୁଲମ କରୁଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ହେଉଥିଲେ ମଧ୍ୟ ଏହାର ଭିସି ଏବଂ କର୍ମଚାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଛାତ୍ର କଂଗ୍ରେସ ଦାବୀ କରିଛି। ରୁଚିକା ମହାନ୍ତିଙ୍କ ପରିବାରକୁ ନ୍ୟାୟ, ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଉ। ତତ୍‌ସହିତ ର୍ୟାଗିଂ ରୋକିବା ପାଇଁ ର୍ୟାଗିଂ ନିଷେଧ ଆଇନ ଆଣିବା, ସରକାର ଏକ ୨୪ ଘଂଟିଆ ଟୋଲଫ୍ରି ନମ୍ବର ଜାରି କରିବା ପାଇଁ ଶ୍ରୀ ନୱାଜ ଦାବି କରିଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ମନୋଜ ବିଶ୍ୱାଳ, ରଞ୍ଜିତ ପାତ୍ର, ଅଜୟ ସାହୁ, ନଳିନୀକାନ୍ତ ନାୟକ, ନିହାର ବେହେରା, ଦିପ୍ତୀରଞ୍ଜନ ପରିଡ଼ା, ସୁନିଲ ମାଟିଆ, ମହମ୍ମଦ ଗୁଲଫାମ, ବିଶ୍ୱଭୂଷଣ ମହାପାତ୍ର ପ୍ରମୁଖ ଶହ ଶହ ଛାତ୍ରକଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।









## ଟି ଟାଇମ୍

# ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

# ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ଓ୍ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।


# ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ୍ୟ ଉପଲବ୍ଧ କରେଇଥାଏ ।

## ପୁରାଣ କାହାଣୀ

# ଅଂହକାରରୂପୀ ସାପ





ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

# ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଅଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

# ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

# ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

# କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି । ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି । ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ । ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି । ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହ ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବ ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲ ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ଡେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ଆନନ୍ଦପୁର ଉଠା ଜଳସେଚନ ସମସ୍ୟାରେ ଚାଷୀ, ସହକାରୀ ଯନ୍ତ୍ରୀ ଓ ସେକ୍ସନ ଅଫିସରଙ୍କ ଦେଖା ନାହିଁ

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ଉପଖଣ୍ଡର ଉଠାଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଓ ସେକ୍ସନ ଅଫିସର ଉଠାଜଳସେଚନ କାର୍ଯ୍ୟାଳୟକୁ ନଆସିବା ଏବଂ ହାଟଡିହି ଓ ଘଷିପୁରାର ବିଭିନ୍ନ ଅଂଚଳରେ ଚାଷୀ ବାରମ୍ବାର କାର୍ଯ୍ୟାଳୟକୁ ଆସି ନିରାଶ ହୋଇ ଫେରିବା ସାଧାରଣରେ ଚାଷୀ ମାନଙ୍କର ଅସନ୍ତୋ, ପ୍ରକାଶ ପାଇଛି। କିଛିଦିନ ତଳେ ଜଣେ ଚାଷୀ ସହକାରୀ ଯନ୍ତ୍ରୀ ଅବସର ନେଇଥିବା ବେଳେ ବର୍ତ୍ତମାନ ଦାୟୀତ୍ୱରେ ଥିବା ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ପୂଜାରୀ କାର୍ଯ୍ୟାଳୟକୁ ନଆସିବା ସହିତ ଚାଷୀମାନେ ବାରମ୍ବାର ନିଜର ସମସ୍ୟା ନେଇ ଆସୁଥିବା ବେଳେ ସହାକାରୀ ଯନ୍ତ୍ରୀ ଜଣକ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାବେଳେ ହାଟଡିହିର ବରାଙ୍ଗ, ଚାପୁଣ୍ଡିଆ, ଲଇଛନପୁର, ଗିରିଗାଁ, କରଗୋଳା, ଜମ୍ବୀରା, ଶାଳଣିଆଁ, ଅଁରା, ଗେଡମା, ଜଳସରପୁର ସେହିପରି ଘଷିପୁରାର ଶାଳଦେଇ, ଓଡପଡା, ଖଲଣା, ମଦୁକେଶରୀ ଅଂଚଳର ଚାଷୀମାନେ ନିଜ ଚାଷ ଜମି ପାଇଁ ରାଜ୍ୟ ସରକାରହ୍‌କ ଉଠାଜଳସେଚନ ବିଭାଗ ତରଫରୁ ଚାଷଜମି ପାଇଁ ବୋରୱେଲ ନିମନ୍ତେ ଉଠାଜଳସେଚନ ବିଭାଗ ତରଫରୁ ଚାଷୀ ମାନଙ୍କୁ ଯୋଗାଇ ଦିଆଯାଇଥିଲେ ମଧ ସହକାରୀ ଯନ୍ତ୍ରୀ ଚାଷୀ ମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ମୋଟା ଅଙ୍କର ଅର୍ଥ ମାଗୁଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଉକ୍ତ ସହକାରୀ ଯନ୍ତ୍ରୀ ଜଣକ ଉପରସ୍ଥ ଅଫିସର ମାନଙ୍କୁ ଅସହଯୋଗ କରିବା ସହିତ ଚାଷୀ ମାନଙ୍କ ସମସ୍ୟା କଣ ସେଥିପ୍ରତି ଦୃଷ୍ଟି ନଦେଇ ବିଭିନ୍ନ ଆଳ ଦେଖାଇ ହେଡ୍‌କ୍ୱାର୍ଟରେ ଛାଡି ବାହାରେ ରହୁଛନ୍ତି। ଚାଷୀ ମାନଙ୍କ ସମସ୍ୟାକୁ ନେଇ ଘଷିପୁରା ବିଧାୟକ ରାଜ୍ୟ ଉଠାଜଳସେଚନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜଣାଇଥିଲେ ମଧ ସହକାରୀ ଯନ୍ତ୍ରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଏବଂ ବଦଳି କରାନଯିବା ଚାଷୀ ମାନଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ୍ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ୍ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ୍ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧ୍ୟକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ୍ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଂଟି ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗ୍‌ମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାର୍‌ନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଢି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଓ୍ୱଲ୍ଡଙ୍କକ୍ସପ୍ପ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷପ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ


ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

## ଦେଓଗାଁ ସେବା ସମବାୟ ସମିତିର ନୂତନ ସଭାପତିଙ୍କ ଦାୟୀତ୍ୱ ଗ୍ରହଣ

ଘଷିପୁରା,(ପି.ଏନ): ଘଷିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ସେବା ସମବାୟ ସମିତିରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା ନୂତନ ସଭାପତି ଭାବେ ରମାକାନ୍ତ ବଳ ଆଜି ସମିତି କାର୍ଯ୍ୟାଳୟରେ ଉପସ୍ଥିତ ରହି ଦାୟୀତ୍ୱ ଗ୍ରହଣ କରିଥିଲେ। ଶ୍ରୀ ବଳ ସଭାପତି ଭାବେ ଦାୟୀତ୍ୱ ଗ୍ରହଣ କରିବା ପରେ ସମିତିର ସଭ୍ୟ ମାନଙ୍କ ଚାହିଦା ମୁତାବକ ଶସ୍ୟ ଋଣ ଯୋଗାଇ ଦେବା ତଥା ଚାଷୀଙ୍କ ଧାନ ବିକ୍ରୟରେ ସ୍ୱଚ୍ଛତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ନୂତନ ସଭାପତି ରମାକାନ୍ତ ବଳଙ୍କୁ ଘଷିପୁରା ବ୍ଲକର ପୂର୍ବତନ ଅଧକ୍ଷ ଦେବାଶିଷ ପାତ୍ର ଏବଂ ଦେଓଗାଁ ପଂଚାୟତର ସରପଂଚ ସତ୍ୟ ରନ ଭୂୟାଁ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ ସମିତିର ସମ୍ପାଦକ ମାଧବାନନ୍ଦ ନାୟକ ଓ ସହକାରୀ ସମ୍ପାଦକ ହାଡିବନ୍ଧୁ ଦେହୁରୀଙ୍କ ସମତେ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷପ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଁଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷପ୍ପ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।




# ଖୋର୍ଦ୍ଧା ଡିଆଇଟିର ଅଧକ୍ଷ ତାପସ କୁମାର ନାୟକ ବିଭିନ୍ନ ଦୁର୍ନୀତିରେ ଉବୁଟୁବୁ

ଭୁବନେଶ୍ୱର (ପିଏନ୍): ୧୯୯୦ ମସିହାରେ ଶିକ୍ଷାକୁ ପ୍ରବାହମାନ ତଥା ବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଶିକ୍ଷା ପ୍ରଶିକ୍ଷଣ ଏକ ବିଭାଗ ଖୋଲିଲେ ମାତ୍ର ଏହାର ସଦୁପେଯାଗ ଅଦ୍ୟାବଧି ସଠିକ ଭାବରେ ନହେବା ଅତ୍ୟନ୍ତ କ୍ଷୋଭର ବିଷୟ। ପ୍ରକାଶ ଥାଉକି ଖୋର୍ଦ୍ଧାସ୍ଥିତ ଡିଆଇଟିର ବର୍ତ୍ତମାନର ଅଧକ୍ଷ ବିଭିନ୍ନ ସ୍କାମ ଏବଂ ଅନେକ ଦୁର୍ନୀତିରେ ଜଡିତ ଥିବାର ସଙ୍ଗିନ ଅଭିଯୋଗ ଫର୍ଦ ଓଡିଶା କର୍ମଚାରୀ ସଂଗ୍ରାମ ସମିତିର ଉପଦେଷ୍ଟା ପ୍ରତାପ ଦାସଙ୍କ ଦ୍ୱାରା ଆଗତ କରାଯିବା ସହ ଏହାର ସୁବିଚାର କରାଯାଇ ଦୋଷୀକୁ ଦଣ୍ଡିତ କରାଯିବା ପାଇଁ ବିଭାଗୀୟ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ଦୁର୍ନୀତି ନିବାରଣ ବିଭାଗର ଦୃଷ୍ଟି ଗୋଚର କରଥିଲେ ମଧ ଆଜକୁ ଏକ ମାସରୁ ଉର୍ଦ୍ଧ ସମୟ ବ୍ୟତିତ ହୋଇଯାଇଥିଲେ ସୁଦ୍ଧା ଦୋଷୀପ୍ରତି କୌଣସି କାର୍ଯ୍ୟପନ୍ଥା ଗ୍ରହଣ କରାନଯିବା ସରକାରଙ୍କର ଭାବମୂର୍ତ୍ତି ଉପରେ ଆଂଚ ଆଣୁନିକି? 'ଟିଇ ଆଣ୍ଡ ଏସସିଇଆରଟି' ପୂର୍ବତନ ନିର୍ଦ୍ଦେଷକ ଶ୍ରୀ ଗଙ୍ଗାଧର ସାହୁ, ଓ ସେତେବେଳର ସହ ନିର୍ଦ୍ଦେଷକ ଡଃ ତାପସ କୁମାର ନାୟକ ବର୍ତ୍ତମାନର ଅଧକ୍ଷ ଡିଆଇଟି ଖୋର୍ଦ୍ଧା ଉଭୟେ ତାଙ୍କ କାର୍ଯ୍ୟକାଳ ମଧରେ ବିଭିନ୍ନ ଦୁର୍ନୀତି ଯଥା ସାଇବର ସ୍କାମ, ନିଯୁକ୍ତି ସ୍କାମ, ଯୌନ କେଳେଙ୍କାରୀ, ମାର୍କସିଟ ହେରଫେର ଇତ୍ୟାଦି ରେ ଜଡିତ ରହି ସୁଦ୍ଧା ବେପରୁଆ ଭାବେ ନିଜର କାର୍ଯ୍ୟକଳାପ ଜାରୀ ରଖିଥିଲେ। ବର୍ତ୍ତମାନର ଡିଆଇଟି ଖୋର୍ଦ୍ଧାର ଅଧକ୍ଷ ସେତେବେଳେର ସହ ନିର୍ଦ୍ଦେଷକ, ନିର୍ଦ୍ଦେଶକଙ୍କ ସହ ମିଶି ତାଙ୍କର ଦୁର୍ନିତିର ରାଜ୍ୟ ବିସ୍ତାର କରିଥିଲେ। ପିଲାମାନଙ୍କ ପରିକ୍ଷାକୁ ନେଇ ଖେଳ କରୁଥିବା ବର୍ତ୍ତମାନର ଅଧକ୍ଷ ଡିଆଇଟି ଖୋର୍ଦ୍ଧା ଅତିତର ସହ ନିର୍ଦ୍ଦେଷକ ତାଙ୍କର କେନ୍ଦ୍ରାପଡା ଜିଲ୍ଲାର ବାଲିଆ ଡିଆଇଟିରେ ରହଣୀ ସମୟରେ ତାଙ୍କ ନାମରେ ଅନେକ ଅଭିଯୋଗ ଥିବା ସତ୍ତ୍ୱେ ତାଙ୍କୁ ପ୍ରାକ୍ତନ ନିର୍ଦ୍ଦେଷକ ଏକାଧିକ୍ରମେ କେନ୍ଦ୍ରାପଡା ଓ ଭୁବନେଶ୍ୱର ଦାୟିତ୍ୱରେ ରଖିବା କେତେଦୂର ସମିଚୀନ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି. ୨୦୧୮-୨୦ ଏବଂ ୨୦୧୯-୨୧ ବର୍ଷର ଡିପ୍ଲୋମାଧାରୀ ଛାତ୍ର ମାନଙ୍କର ପରୀକ୍ଷା ଫଳ କେନ୍ଦ୍ରାପଡା ଡିଆଇଟିର ପୂର୍ବତନ ଅଧକ୍ଷ ଡଃ ମିନାକ୍ଷୀ ମହାପାତ୍ର ଙ୍କ ଦ୍ୱାରା ୨୦୨୦ ରେ ପ୍ରକାଶ ପାଇଥିଲେ ମଧ ୨୭.୪.୨୧ ରେ ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ସାହୁ ଅକସ୍ମାତ ଏକ ତଦନ୍ତ କରି ଶ୍ରୀମତୀ ମୀନାକ୍ଷୀ ମହାପାତ୍ରଙ୍କୁ ତାଙ୍କ ପତ୍ରାଙ୍କ ସଂଖ୍ୟା ୩୩୯୨/ ୪.୫.୨୧ ତାଙ୍କଠାରୁ ବିଭାଗିୟ ସମସ୍ତ ଦାୟିତ୍ୱ ପ୍ରତ୍ୟାହାର କରିବା ସହିତ ତାଙ୍କର ଡ୍ରଇଙ୍ଗ ଓ ଡିଶବର୍ଷମେଂଟ ଅଧିକାର ମଧ ପ୍ରତ୍ୟାହାର କରିଥିଲେ ଯାହା ଏକ ପ୍ରଥମ ଶ୍ରେଣୀ ଅଧିକାରୀ ଙ୍କ ପାଇଁ ପରିତାପର ବିଷୟ। ତତ୍ ସହିତ ଶ୍ରୀମତୀ ମହାପାତ୍ରଙ୍କୁ ଏସ.ଆଣ୍ଡ.ଏମ.ଇ ବିଭାଗ ନୋଟିଫିକେଶନ ନଂ୯୬୯୩/ଏସ.ଆଣ୍ଡ ଏମଇ ତା-୨୧.୫.୨୧ ରେ ଜଗତସିଂପୁର ଡିଆଇଟିରେ ନିଯୁକ୍ତି କରିଥିଲେ। ଯାହା ନିର୍ଦ୍ଦେଶକ ଙ୍କ ଆକ୍ରୋଶ ମୁଳକ ମନୋଭାବକୁ ଜଣେ ମହିଳା ଅଧିକାରୀଙ୍କ ପ୍ରତି ସ୍ପଷ୍ଟ ଅନୁମେୟ ହୁଏ। କର୍ମଚାରୀ ସଂଗ୍ରାମ ସମିତୀ ର ଉପଦେଷ୍ଟା ଶ୍ରୀ ପ୍ରତାପ ଦାସ ଙ୍କ ପତ୍ରାଙ୍କ ସଂଖ୍ୟା ୪୯/୦.୦୩.୨୦୨୨ରେ ବିଭାଗିୟ ନିର୍ଦ୍ଦେଶକଙ୍କୁ ପ୍ରେରିତ କରିଥିବା ପତ୍ରରେ ସେ ଡଃ ତାପସ କୁମାର ନାଏକଙ୍କ ବିଭିନ୍ନ ଦୁର୍ନିତୀ ବିଷୟରେ ଉପସ୍ଥାପିତ ଏବଂ ଚିଠି ନମ୍ବର ୮୬୫୧ ତା ୨୭.୧୨.୨୧ ଓଏଲଏ ପିଟିସନ କମିଟି ମାଗିଥିବା ନାଏକଙ୍କ ବିଭିନ୍ନ ଦୁର୍ନିତୀ ର ସ୍ପଷ୍ଟିକରଣ ମାଗିଥିଲେ ମଧ ଅଧ୍ୟାବଧି ତାର ଉତ୍ତର ମିଳିପାରିନାହିଁ। ଯାହା ପ୍ରମାଣ କରୁଛି ଡଃ ନାୟକଙ୍କ ଟେର କେତେ ସୁଦୃଢ। ତାପସ କୁମାର ନାଏକ ୧୦ ବର୍ଷର ଅଭିଜ୍ଞତା ନଥାଇ ସେ କିପରି ଅଧକ୍ଷ ପଦରେ ଉପସ୍ଥାପିତ ହେଲେ ତାହା ଏକ ପ୍ରଶ୍ନ ବାଚୀ। ଏହି ସୁଯୋଗର ଫାଇଦା ନେଇ ଶ୍ରୀ ନାୟକ ଡିଆଇଟି କେନ୍ଦ୍ରାପଡା ର ଅଧକ୍ଷ ଥିବା ସମୟରେ ଡିଆଇଟି ଛାତ୍ରମାନଙ୍କଠୁ ପ୍ରଚୁର ଅର୍ଥ ଆଦାୟ କରି ବାହାରିଥିବା ପରୀକ୍ଷାର ଫଳର ପୁନଃ ନିରିକ୍ଷଣ କରି ତାଙ୍କ ପତ୍ରାଙ୍କ ସଂଖ୍ୟା ୨୧୧/୧୬.୬.୨୧ ରେ ଜଣେ ଆଇନଗତ ଅଧିକାର ନଥିବା ଅଧକ୍ଷ ଭାବେ ପ୍ରେରଣ କରିଥିଲେ। ତାଙ୍କ ମାୟାଜାଲରେ ଶିକ୍ଷା ନିର୍ଦ୍ଦେଶାଳୟର ସଭାପତି ମଧ ଭାସିଯାଇ ଡଃ ନାୟକ ପଠାଇ ଥିବା ମାର୍କଲିଷ୍ଟ କୁ ଅନୁମୋଦନ କରିଥିଲେ। ଯଦି ଡଃ ନାଏକଙ୍କର ସମସ୍ତ କାର୍ଯ୍ୟାବଳୀର ଏକ ନିରପେକ୍ଷ ତଦନ୍ତ କରାଯାନ୍ତା ତେବେ ଡଃ ତାପସ ନାଏକ ଉପ ନିର୍ଦ୍ଦେଶକ ଭାବେ ୬.୭.୨୦୧୫ ରୁ ୩୦.୧୨.୨୦୨୧ ଅବଧି ର ସମସ୍ତ ଅପରାଧ ଚରିତ୍ରର ପର୍ଦା ଫାସ ହୁଅନ୍ତା। ଡଃ ନାଏକ ସେତେବେଳେ ନିର୍ଦ୍ଦେଶକଙ୍କ ହାତବାରସି ହୋଇ ବିଭିନ୍ନ ଅନ୍ୟାୟୋଚିତ କାର୍ଯ୍ୟରେ ନିଜକୁ ଲିପ୍ତକରି ବହୁଅର୍ଥ ରୋଜଗାର କରିଛନ୍ତି। ନିଜର ପଦର ଅପମର୍ଯାଦା କରି ଶୁଭ୍ରଜିତ ମହାନ୍ତିଙ୍କ ଠାରୁ ଲାଂଚ ନେଇ ତାଙ୍କୁ ଦୈନିକ ମଜୁରିଆ ଭାବେ ଡାଟା ଏଂଟ୍ରି ଅପରେଟର ଭାବରେ ନିଯୁକ୍ତି ଦେବା ସହ ତାଙ୍କର ଦେୟ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ରେ ଥିବା ସମୟରେ ପ୍ରଦାନ କରିଥିଲେ। ସେହିଭଳି ୩୦ ସୁଇପର ଓ ୩୪ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି, ସେକ୍ସ କେଳେଙ୍କାରୀ,ସାଇବର କେଳେଙ୍କାରୀ, ଏବଂ ଆହୁରି ଅନେକ ଦୁର୍ନିତିର ଅଭିଯୋଗ ଫର୍ଦ କର୍ମଚାରୀ ସଂଗ୍ରାମ ସମିତିର ଉପଦେଷ୍ଟା ପ୍ରତାପ ଦାସଙ୍କ ଦ୍ୱାରା ୧୬ଟି ପତ୍ର ସଂଲଗ୍ନ ଏକ ପତ୍ର ୪୫/ଏଡି/ଓକେସ ତା ୨୪. ୨. ୨୨ ରେ ବିଭିନ୍ନ ବିଭାଗ ତଥା ଦୁର୍ନିତୀ ନିବାରଣ ବିଭାଗକୁ ପ୍ରେରିତ କରିଥିଲେ ମଧ ବର୍ତ୍ତମାନର ନିର୍ଦ୍ଦେଶକ ଙ୍କ ମୌନଧାରଣ ପ୍ରମାଣ କରୁଛିଯେ ତାଙ୍କ କାର୍ଯ୍ୟାଳୟ ଡଃ ନାଏକଙ୍କ ଅନ୍ୟାୟ ଚିତ କାର୍ଯ୍ୟଧରା ରେ ସମ୍ପୂର୍ଣ୍ଣ ଜଡିତ। ତେଣୁ ଶ୍ରୀ ଦାସ ଡଃ ନାୟକଙ୍କ ଅନୈତିକ କାର୍ଯ୍ୟଧାରାର ତଦନ୍ତ କରିବା ସହ ଦୋଷୀ ବିରୁଦ୍ଧରେ ଆଖି ଦୃଷ୍ଟିଆ ଦଣ୍ଡ ବିଧାନ କରି ନବୀନ ସରକାରଙ୍କର ନିର୍ମଳ ଭାବମୂର୍ତ୍ତିକୁ ଅକ୍ଷୂର୍ଣ୍ଣ ରଖିବା ପାଇଁ ଦାବି କରିଛନ୍ତି।

# ନିଗମାନନ୍ଦ ପରମହଂସଙ୍କ ପୂଜା ଓ ମଣ୍ଡପ ଲୋକାର୍ପିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଶାନ୍ତିବଜାର-କାଏମା ରୋଡ୍‌ର ନାଉପାଳସ୍ଥିତ ମିଡ୍ରୋଜ୍ କଟ୍ରିୟାର୍ଡ଼ ମଣ୍ଡପରେ ଠାକୁର ନିଗମାନନ୍ଦ ପରମହଂସଙ୍କ ବିଶେଷ ପୂଜା ଓ ନୂତନ ମଣ୍ଡପ ଲୋକାର୍ପିତ ହୋଇଯାଇଛି। ନୀଳାଚଳ ସାରସ୍ୱତ ସଂଘର ପ୍ରାକ୍ତନ ସଭାପତି ଗୁରୁପ୍ରସାଦ ଛୋଟରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ କାଳନ୍ଦୀ ଚରଣ ସାହୁ, ଅବସରପ୍ରାପ୍ତ ବ୍ୟାଙ୍କ୍ ପରିଚାଳକ ମିହିର କୁମାର ମହାନ୍ତି, ଶିକ୍ଷକନେତା ଗିରିଶ ଚନ୍ଦ୍ର ମହାନ୍ତି ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ରଘୁନାଥ ପାତ୍ର ବକ୍ତାଭାବେ ଯୋଗଦେଇ ଠାକୁରଙ୍କ ଭାବାଦର୍ଶ ସଂପର୍କରେ ବର୍ଣ୍ଣନା କରିଥିଲେ। କଣ୍ଠଶିଳ୍ପୀ ପ୍ରଦୀପ୍ତ କୁମାର ଦାଶ, ଖୋକନ ସର ଓ ଶେଷଦେବ ସାହୁ ଠାକୁରଙ୍କ ସଂଗୀତଗାନ କରିଥିଲେ। ବୈଜ୍ଞାନିକ ଚନ୍ଦ୍ରଶେଖର ରାଉତ, ସ୍ୱାତୀପ୍ରଜ୍ଞା ମହାଁ, ତନୁଜା ମହାଁ, ସୁଶ୍ରିତ୍ ମହାଁ, ଅବିନାଶ ସାମଲ, ଧର୍ମଶାଳା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା ଓ କୃଷକ ନେତା ବସନ୍ତ କୁମାର ପରିଡ଼ା ଠାକୁରଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ। ସକାଳେ ଠାକୁରଙ୍କ ଯଥାବିଧି ପୂଜାର୍ଚ୍ଚନା, ପୁସ୍ତକପାଠ, ଭଜନକିର୍ତନ, ଷୋଡ଼ଶ ଉପଚାର ପୂଜା ଆଦି ନୀତିକାଂ ସଂପନ୍ନ ହୋଇଥିଲା। ଏହି ଅବସରରେ ଠାକୁର ନିଗମାନନ୍ଦଙ୍କ ଭକ୍ତ ସମ୍ବିତ୍ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ନୂତନ ମିଡ୍ରୋଜ୍ କଟ୍ରିୟାର୍ଡ଼ ମଣ୍ଡପକୁ ଅବସରପ୍ରାପ୍ତ ବ୍ୟାଙ୍କ୍ ପରିଚାଳକ ମିହିର କୁମାର ମହାନ୍ତି ଲୋକାର୍ପିତ କରିଥିଲେ। ମମତା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଥାନାରୁ ନ୍ୟାୟ ନପାଇ ଯୁବତୀଙ୍କ ଆତ୍ମହତ୍ୟା ଘଟଣାରେ ସାଇଣ୍ଟିଫିକ ଟିମର ତଦନ୍ତ ଆରମ୍ଭ




କେନ୍ଦ୍ରାପଡ଼ା (ପିଏନ୍): ପାଟକୁରା ଥାନା ପୋଲିସ ଠାରୁ ନ୍ୟାୟ ନ ପାଇ ଯୁବତୀ ଆତ୍ମହତ୍ୟା କରିବା ଘଟଣାରେ ପୋଲିସର ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ପାଟକୁରା ଥାନା ଅନ୍ତର୍ଗତ ମହମ୍ମୁଦା ଗ୍ରାମକୁ ଯାଇ ଯୁବତୀ ଯେଉଁ ଘରେ ଆତ୍ମହତ୍ୟା କରିଥିଲେ ସେ ଘରକୁ ତନ ତନ କରି ଛାନବିନ କରିଥିଲା। ଯେଉଁ ରଶିରେ ସେ ଆତ୍ମହତ୍ୟା କରିଥିଲେ ତାହାକୁ ଜବତ କରି ପରୀକ୍ଷା ପାଇଁ ସାଇଣ୍ଟିଫକ ଟିମ ନେଇଯାଇଛି। ଏଥିସହ ପରିବାର ଲୋକଙ୍କ ଠାରୁ ମଧ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ଶନିବାର ସକାଳୁ ବର୍ଷା ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଥିବାରୁ ତଦନ୍ତରେ ସାମାନ୍ୟ ବାଧା ସୃଷ୍ଟି ହୋଇଥିବା ସାଇଣ୍ଟିଫକ ଟିମ ଠାରୁ ସୂଚନା ମିଳିଛି। ପାଟକୁରା ଥାନା ପୋଲିସର ଉଦାସୀନତା ପ୍ରତିବାଦରେ ମୃତ ପରିବାର ପକ୍ଷରୁ ଥାନା ସମ୍ମୁଖରେ ଯୁବତୀଙ୍କ ଶବ ରଖାଯାଇ ଥାନା ଘେରାଉ କରାଯାଇଥିଲା। ଖବର ପାଇ ପାଟକୁରା ଥାନାରେ ପହଞ୍ଚିଥିଲେ କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା। ସେ ପାଟକୁରା ଥାନାଧିକାରୀ ସରୋଜ ସାହୁଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ମୃତକଙ୍କ ପରିବାର ଲୋକମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଥାନା ଘେରାଉକୁ ପ୍ରତ୍ୟାହାର କରିନେଇଥିଲେ। ପୂର୍ବରୁ ଯୁବତୀଙ୍କ ପରିବାର ଲୋକେ ଯେଉଁ ଅଭିଯୋଗ କରିଥିଲେ ତାହା ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା ସେ ନେଇ ଏସ୍‌ଡିପିଓ ଶ୍ରୀ ପଣ୍ଡା ଥାନାଧିକାରୀଙ୍କ ଠାରୁ ପଚାରି ବୁଝିଥିଲେ। ସେହିପରି ଏହି ଘଟଣାରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିବା ବେଳେ ଶନିବାର ଆଉ ଦୁଇ ଜଣଙ୍କୁ ଅଟକ ରଖାଯାଇଛି। ଏସ୍‌ଡିପିଓ ଥାନାରେ ଅଟକ ଥିବା ବ୍ୟକ୍ତିମାନଙ୍କୁ ପଚରା ଉଚରା କରିଥିଲେ। ପ୍ରକୃତରେ ଯୁବତୀଙ୍କ ଆତ୍ମହତ୍ୟା ପାଇଁ ଏହି ଯୁବକମାନେ ଦାୟୀ କିମ୍ବା ଉପଯୁକ୍ତ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ ପୋଲିସ ଦାୟୀ ସେ ନେଇ ତଦନ୍ତ କରିବା ପାଇଁ ଏସ୍‌ପି ସନ୍ଦୀପ ସମ୍ପଦ ମଡ଼କରଙ୍କ ନିର୍ଦ୍ଦେଶକ୍ରମେ ଜଣେ ଅତିରିକ୍ତ ଏସ୍‌ପି ଏବଂ କେନ୍ଦ୍ରାପଡା ଏସ୍‌ଡିପିଓ ଶ୍ରୀ ପଣ୍ଡା ପାଟକୁରା ଥାନାକୁ ଯାଇ ତଦନ୍ତ କରିଛନ୍ତି। ଉଭୟ ଅଧିକାରୀ ଖୁବଶୀଘ୍ର ତଦନ୍ତ ରିପୋର୍ଟ ଏସ୍‌ପିଙ୍କୁ ପ୍ରଦାନ କରିବେ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଗୋଟିଏ ପଟେ ଯୁବତୀଙ୍କ ପରିବାରରେ ଭାଳେଣି ପଡିଯାଇଛି। ପରିବାର ଲୋକେ ଖିଆପିଆ ବନ୍ଦ କରି ଦେଇଛନ୍ତି। ଗତ ଶନିବାର ଯୁବତୀଙ୍କ ପରିବାରରେ ଚୁଲି ଜଳିନି। ପୋଲିସର ନିଷ୍କ୍ରିୟତାକୁ ପରିବାର ଲୋକେ ଦାୟୀ କରିଛନ୍ତି। ପୂର୍ବରୁ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ ଏଭଳି ଘଟଣା ଘଟି ନ ଥାନ୍ତା ବୋଲି ପରିବାର ଲୋକେ କହିଛନ୍ତି। କାରଣ ପୂର୍ବରୁ ସଂପୃକ୍ତ ରାଜନେତା ପରିବାର ଲୋକଙ୍କ ବିରୋଧରେ ଯୁବତୀଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ ମଧ ପୋଲିସ ପ୍ରଭାବିତ ହୋଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ସୂଚନାଯୋଗ୍ୟ ଯେ ପାଟକୁରା ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ମହମ୍ମୁଦା ଗ୍ରାମର ସଚିତ୍ର ସ୍ୱାଇଁଙ୍କ ପରିବାର ସହିତ ଗ୍ରାମର ଜଣେ ରାଜନେତାଙ୍କ ପରିବାର ସହ ବିବାଦ ହୋଇଥିଲା। ଏ ନେଇ ରାଜନେତା ପରିବାରର ସଦସ୍ୟମାନେ ସଚିତ୍ର ସ୍ୱାଇଁ ଓ ତାଙ୍କ ପତ୍ନୀଙ୍କୁ ମାଡ଼ ମାରିଥିଲେ। ଏହି ସମୟରେ ବାପା ବୋଉଙ୍କୁ ବଞ୍ଚାଇବାକୁ ଯାଇ ସଚିତ୍ରଙ୍କ ଝିଅ ଶୁଭ୍ରାଶୁଭ୍ରଦର୍ଶନୀ ମଧ ମାଡ଼ ଖାଇଥିଲେ। ଏ ନେଇ ସଚିତ୍ରଙ୍କ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପୋଲିସ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରି ନଥିଲା। ଅପରପକ୍ଷରେ ସଚିତ୍ରଙ୍କ ଝିଅ ଶୁଭ୍ରାଶୁଭଦର୍ଶିନୀଙ୍କୁ ରାଜନେତାଙ୍କ ପରିବାର ଲୋକେ ଗାଳିଗୁଲଜ କରିବା ସହ ତାଙ୍କ ଚରିତ୍ର ସଂହାର କରିଥିଲେ। ଫଳରେ ଶୁଭ୍ରାଶୁଭଦର୍ଶନୀ ଟାହି ଟାପରା ସହି ନ ପାରି ଶୁକ୍ରବାର ସକାଳେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାକୁ ନେଇ ଶନିବାର ମଧ୍ୟବିତ ପରିବାର ମହାସଂଘ ପକ୍ଷରୁ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ଅଭିଯୋଗ ହୋଇଛି। ରାଷ୍ଟ୍ରୀୟ ମଧ୍ୟବିତ ପରିବାର ମହାସଂଘର ରାଷ୍ଟ୍ରୀୟ ସଭାପତି ପ୍ରଦୀପ ମିଶ୍ର ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ଏକ ମାମଲା ରୁଜୁ କରିଛନ୍ତି। ଆତ୍ମହତ୍ୟା କରିଥିବା ଯୁବତୀଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବାକୁ ଶ୍ରୀ ମିଶ୍ର ଦାବି କରିଛନ୍ତି। ପାଟକୁରା ଥାନାରେ ଏ ସଂକ୍ରାନ୍ତରେ ୨୮୮/୨୦୨୨ରେ ଭାରତୀୟ ପିଙ୍ଗଳ କୋଡର୍ ଦଫା ୩୪୧, ୩୨୩, ୨୯୪, ୩୦୪ ଓ ୩୪ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ଅନୁସନ୍ଧାନ ଚାଲିଛି ବୋଲି ଥାନାଧିକାରୀ ସରୋଜ ସାହୁଙ୍କ ଠାରୁ ସୂଚନା ମିଳିଛି।

# ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର (ପିଏନ୍): କେନ୍ଦୁଝର ସହରସ୍ଥ ସଂସ୍କୃତି ଭବନଠାରେ ଓଡିଶା ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରାଜ୍ୟ ସଂଘର ସଭାପତି ରାଜେଶ ମହାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ସଂଘର ସଭାପତି ଦିଲ୍ଲୀପ କୁମାର ରାଉତଙ୍କ ସଂଯୋଜନାରେ ପରିଚାଳିତ ସଭାରେ ରାଜ୍ୟ ସଂଘର ଉପସଭାପତି ମନୋଜ କୁମାର ମହାଁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘର ଉପଦେଷ୍ଟା ବିଜୟ କୁମାର ମିଶ୍ର ବିବରଣୀ ପଠନ କରିଥିଲେ। ଏଥିରେ ରାଜ୍ୟ ସଂଘର ସାଧାରଣ ସଂପାଦକ ଖଗେନ୍ଦ୍ର ପାଲ,ମହାସଚିବ ବିକ୍ରମ ରଥ,କାର୍ଯ୍ୟକାରୀ ସଭାପତି ସହସ୍ରାଂଶୁ ଶେଖର ମହାଁ,କୋଷାଧ୍ୟକ୍ଷ ପବିତ୍ର ମୋହନ ଜେନା,ଯୁଗ୍ମ ସଂପାଦକ ମାୟାଧର ମଲ୍ଲିକ,ଭଦ୍ରକ ଜିଲ୍ଲା ସଭାପତି ଅରବିନ୍ଦ ଦୀକ୍ଷିତ,ମୟୁରଭ ସଂପାଦକ ରାଜେନ୍ଦ୍ର ମହାଁ,ନବରଙ୍ଗପୁର ସଂପାଦକ ଗଣେଶ ପ୍ରସାଦ ରଣା,କଟକ ସଭାପତି ରବିନ୍ଦ୍ର କୁମାର ରାଉତ,କେନ୍ଦୁଝର ଜିଲ୍ଲା ସଂପାଦକ ଉମାଶଙ୍କର ମିଶ୍ର,କେନ୍ଦୁଝର ଜିଲ୍ଲା ସଂଯୋଜକ ଶ୍ରୀକାଁ ପଟ୍ଟନାୟକ,କେନ୍ଦୁଝର ଜିଲ୍ଲା ଏମ୍‌ଏଲ୍‌ଇ ସଂଘ ସଭାପତି ସୁନୀଲ ସାମାଡ,ଅଭିମନ୍ୟୁ ଦାସ,ସୌଭାଗ୍ୟ କୁମାର ଦାସ,ସଂଜୀବ ସାହୁ,ଦେବଦତ୍ତ ପଟ୍ଟନାୟକ,ବନମାଳୀ ମହାଁ,ହରେକୃଷ୍ଣ ପଣ୍ଡା ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଏଥିରେ କେନ୍ଦୁଝର ଜିଲ୍ଲାର ୧୩ଗୋଟି ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରି ରାଜ୍ୟ ସଂଘର ନେତୃତ୍ୱକୁ ସମର୍ଥନ କରିଥିଲେ। ନୂତନ ପେନସନ ବ୍ୟବସ୍ଥା ଉଚ୍ଛେଦ କରି ପୂର୍ବପରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ପାଇଁ ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ଦାବୀ କରିଛି। ସମସ୍ତ ଜିଲ୍ଲା କର୍ମକର୍ତ୍ତାମାନେ ଉପସ୍ଥିତ ରହି ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାର ପୁରୁଣା ପେନସନ ଉଚ୍ଛେଦ କରି ନୂତନ ପେନସନ ବ୍ୟବସ୍ଥା ଲାଗୁ କରିବା ଫଳରେ ସମସ୍ତ ଶିକ୍ଷକ ଓ କର୍ମଚାରୀମାନେ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ସଭାପତି ରାଜେଶ ମହାଁ ଅଭିଯୋଗ କରିଥିଲେ। ନୂତନ ପେନସନ ଯୋଜନା ଅନୁଯାୟୀ ଜଣେ ସରକାରୀ କର୍ମଚାରୀ ଅବସର ପରେ ମାତ୍ର ୨୦୦୦ ରୁ ୩୦୦୦ ଟଙ୍କା ପେନସନ ପାଉଛନ୍ତି ଯାହାକି ବାର୍ଦ୍ଧକ୍ୟ ବୟସରେ ଔଷଧ କିଣାକୁ ନିଅଣ୍ଟ ହେଉଛି ବୋଲି ରାଜ୍ୟ ସଂଘର ସଂପାଦକ ଖଗେନ୍ଦ୍ର ପାଲ ମତବ୍ୟକ୍ତ କରିଥିଲେ। ସରକାରଙ୍କ ଏହି ଶିକ୍ଷକ ଓ କର୍ମଚାରୀ ମାରଣ ନୀତିକୁ ସଂଘ ତରଫରୁ ଘୋର ବିରୋଧ କରାଯାଇଛି ଏବଂ ପଶ୍ଚିମବଙ୍ଗ,ଝାଡଖଣ୍ଡ,ତାମିଲନାଡୁ ଆଦି ରାଜ୍ୟ ଭଳି ଓଡିଶା ସରକାର ମଧ୍ୟ ପୁରୁଣା ପେନସନ ଲାଗୁ କରନ୍ତୁ ନଚେତ ଆଗାମୀ ଦିନରେ ଏନ୍‌ଏମ୍‌ଓପିଏସ୍ କ୍ୟାଡର ତଳେ ଲକ୍ଷ ଲକ୍ଷ ଶିକ୍ଷକ କର୍ମଚାରୀ ଏକତ୍ରିତ ହୋଇ ନିଜର ନ୍ୟାର୍ଯ୍ୟ ଦାବୀ ହାସଲ ପାଇଁ ଦୁର୍ବାର ଆନ୍ଦୋଳନ କରି ସରକାରଙ୍କୁ ଅଚଳ କରିଦେବେ ବୋଲି ସଂଘର ମହାସଚିବ ବିକ୍ରମ ରଥ ସଂଘ ତରଫରୁ ଚେତାବନୀ ଦେଇଛନ୍ତି। ଏଥିରେ କେନ୍ଦୁଝର ଜିଲ୍ଲାର ସମସ୍ତ ବ୍ଲକର ସଭାପତି,ସଂପାଦକ ଏବଂ ବହୁ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# କଂଗ୍ରେସ ନେତା ବ୍ରଜକିଶୋର ବିଶ୍ୱାଳଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର (ପିଏନ୍)- କଟକ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ନିଶ୍ଚିତକୋଇଲି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବ୍ରଜକିଶୋର ବିଶ୍ୱାଳଙ୍କର ୭୭ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସ୍ୱର୍ଗତଃ ବିଶ୍ୱାଳଙ୍କ ପରଲୋକଗତ ଖବର ପାଇ ପିସିସି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଶ୍ରୀ ପଟ୍ଟନାୟକ ଶୋକବାର୍ତ୍ତାରେ କହିଛନ୍ତି ସ୍ୱର୍ଗତଃ ବିଶ୍ୱାଳ ଦୀର୍ଘଦିନ ଧରି କଂଗ୍ରେସ ଦଳରେ ରହି କଂଗ୍ରେସ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାପାଇଁ ଶେଷପର୍ଯ୍ୟନ୍ତ ଚେଷ୍ଟିତ ଥିଲେ। ସେ ଜଣେ ସୁସଂଗଠକ, ସ୍ନେହୀ, ପରୋପକାରୀ, ବନ୍ଧୁବତ୍ସଳ ଭାବେ କଟକ ଜିଲ୍ଲା ସମେତ କଂଗ୍ରେସ ପରିବାରରେ ପରିଚିତ ଥିଲେ। ସ୍ୱର୍ଗତଃ ବିଶ୍ୱାଳଙ୍କ ବିୟୋଗ ବିଶେଷକରି କଂଗ୍ରେସ ଦଳ ପାଇଁ ଏକ ଅପୂରଣୀୟ କ୍ଷତି। ସ୍ୱର୍ଗତଃ ବିଶ୍ୱାଳଙ୍କ ଅମରଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ।

# ବିଦ୍ୟୁତ୍ ସର୍ଟସର୍କିଟ୍‌ରେ ଯୁବକଙ୍କ ଅଭାବନୀୟ ମୃତ୍ୟୁ

ଢେଙ୍କିକୋଟ (ପିଏନ୍): ଘଟଗାଁ ବ୍ଲକ ଅନ୍ତର୍ଗତ ମନୋହରପୁର ପଞ୍ଚାୟତ ହେଡ୍ କ୍ୱାର୍ଟର ମନୋହରପୁର ଗ୍ରାମର ଅକ୍ଷୟ ବାରିକଙ୍କ ପୁତ୍ର ନିରଂଜନ ବାରିକ୍ ତାଙ୍କ ଶ୍ୱଶୁର ଘର ଗ୍ରାମରେ ବିଦ୍ୟୁତ୍ ଆଘାତଜନିତ ପ୍ରାଣ ହରାଇଥିବା ଜଣାପଡିଛି। ସ୍ୱର୍ଗତ ନିରଂଜନ ବାରିକ(୪୦) ତାଙ୍କ ପତ୍ନୀଙ୍କ ସହିତ ରଥଯାତ୍ରା ସମୟରେ ଶ୍ୱଶୁର ଘର ଗାଁ ପାଲଲହଡା ଥାନା ଅଂଚଳ ଶ୍ୟାମସୁନ୍ଦରପୁର ଗ୍ରାମକୁ ବୁଲିବାକୁ ଯାଇଥିଲେ। ଜଣେ ବନ୍ଧୁଙ୍କ ସହିତ ଟେଲିଫୋନ୍‌ରେ କଥା ହେଉଥିବା ସମୟରେ ସେଠାରେ ଥିବା ପୋଲ ନିକଟସ୍ଥ ଏକ ବିଦ୍ୟୁତ୍ ଖୁଣ୍ଟରେ ଟଣା ହୋଇଥିବା ଷ୍ଟେ ତାରକୁ ଅନ୍ୟମନସ୍କ ଭାବରେ ଧରି ପକାଇଥିଲେ। ଫଳରେ ବିଦ୍ୟୁତ୍ ପ୍ରବାହିତ ଥିବା ଉକ୍ତ ଷ୍ଟେ ତାରକୁ ସ୍ପର୍ଶ କରିବାରୁ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପାଲଲହଡା ଥାନା ପୋଲିସ୍ ଘଟଣା ସ୍ଥଳରେ ପହଂଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତାଙ୍କର ଅକାଳ ବିୟୋଗ ଖବର ପ୍ରଚାରିତ ହେବାପରେ ମନୋହରପୁର ଗ୍ରାମବାସୀ ୨/୩ଟି ବୋଲେରୋ ଗାଡିରେ ଶ୍ୟାମସୁନ୍ଦରପୁର ଗ୍ରାମକୁ ଯାଇଥିଲେ। ସ୍ୱର୍ଗତ ନିରଂଜନ ବାରିକ୍ ଜଣେ ମେଳାପୀ, ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ଢେଙ୍କିକୋଟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଅଭାବନୀୟ ମୃତ୍ୟୁରେ ପରିବାର ସହ ତାଙ୍କ ପତ୍ନୀ ଓ ଦୁଇ କୋମଳମତି ଝିଅ ଭାଙ୍ଗି ପଡିଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ନିବେଦନ କରାଯାଇଛି।

# କେନ୍ଦ୍ରାପଡା କଲେଜ ଦର୍ଶନଶାସ୍ତ୍ର ବିଭାଗରେ ବିଦାୟକାଳୀନ ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ବିଭାଗରେ ଏକ ବିଦାୟକାଳୀନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ତାଙ୍କର ବହୁମୂଲ୍ୟ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର ଓ ଅଚ୍ୟୁତରଞ୍ଜନ ଭୂୟାଁ ଶେଷବର୍ଷର ଛାତ୍ରଛାତ୍ରୀମାନଙ୍କୁ ସେମାନେ କିଭଳି ନିଜର ଏକ ସୁନ୍ଦର ଭବିଷ୍ୟତ ଗଠନ କରିପାରିବେ ସେ ସମ୍ପର୍କରେ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ଶେଷବର୍ଷର ଛାତ୍ରଛାତ୍ରୀମାନେ ବିତାଇଥିବା ଦିନଗୁଡିକରେ ସେମାନଙ୍କ କଲେଜ ଓ ବିଭାଗ ସମ୍ପର୍କରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦର୍ଶନଶାସ୍ତ୍ର ବିଭାଗର ସମସ୍ତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ବିଭାଗର ପ୍ରଥମ ଓ ଦ୍ୱିତିୟ ବର୍ଷର ଛାତ୍ରଛାତ୍ରୀମାନେ ସମସ୍ତ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା କରିଥିଲେ। ଶେଷରେ ବିଭାଗୀୟ ଅଧ୍ୟାପକ ବିଭାଗର ଶେଷବର୍ଷର ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଗୋଟିଏ ଆଶ୍ଚର୍ଯ୍ୟଜନକ ଉପହାର ପ୍ରଦାନ କରିଥିଲେ।

# ଡାକ୍ତରଖାନା ପରିସରରେ ବେଆଇନ୍ ଗୃହ ନିର୍ମାଣ




ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ସାଇଁକୁଳସ୍ଥିତ ଡାକ୍ତରଖାନା ସୀମା ମଧରେ ଶ୍ରୀରାମ ମେଡିକାଲ ଷ୍ଟୋର ନାମକ ଏକ ସ୍ୱୀକୃତିପ୍ରାପ୍ତ ଦୋକାନ ଅବସ୍ଥିତ। ସୂଚନା ମୁତାବକ ଦୋକାନ ଓ ଡାକ୍ତରଖାନାର ମଧ ଭାଗରେ ୨୦ ଫୁଟ୍ ଓସାର, ୧୫ ଫୁଟ୍ ଲମ୍ବାର ଏକ ଘର ବେଆଇନ୍ ଭାବେ ତିଆରି କରୁଛନ୍ତି ସେହି ଦୋକାନର ମାଲିକ। ସେହି ଘରଟି ତିଆରି ହେବାରୁ ଡାକ୍ତରଖାନାକୁ ଯିବା ଆସିବା କରିବାରେ ଅନେକ ଅସୁବିଧା ହେଉଥିବାରୁ ସ୍ଥାନୀୟ ଜନସାଧାରଣ ଏହାକୁ ଘୋର ବିରୋଧ କରିଛନ୍ତି। ଭବିଷ୍ୟତରେ ଡାକ୍ତରଖାନାର ସମ୍ପ୍ରସାରଣ ହେଉ କିମ୍ବା ସରକାରୀ ଘର କରିବାକୁ ଆବଶ୍ୟକତା ହେଲେ ଆଉ ଜାଗା ନଥିବା କହିଛନ୍ତି ଅଂଚଳବାସୀ। ଏହାକୁ ନେଇ ଲୋକେ ବିରୋଧ କରିବାରୁ ତରବରିଆ ଭାବେ ରାତାରାତି କାର୍ଯ୍ୟ ସାରିଦେବାକୁ ଉଦ୍ୟମ ଚଳାଇଥିବା ଦେଖାଦେଇଛି। ଏ କାର୍ଯ୍ୟ ବନ୍ଦ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ସାଇଁକୁଳ ଗ୍ରାମବାସୀ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Prajyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କେନ୍ଦୁଝର ବନଖଣ୍ଡ ୩ ବର୍ଷରେ ବନ୍ୟଜନ୍ତୁ ଆକ୍ରମଣରେ ମୃତ୍ୟୁବରଣ କଲେଣି ୨୮, ୯୪୯୦.୦୩ ଏକର ଫସଲ ଓ ୯୫୬ ଘର ନଷ୍ଟ, କ୍ଷତିପୂରଣ ଦିଆଗଲାଣି ୪୦କୋଟି ୪୦ ଲକ୍ଷ

କେନ୍ଦୁଝର,(ପି.ଏନ): କେନ୍ଦୁଝର ବନଖଣ୍ଡରେ ଗତ ୩ ବର୍ଷ ମଧ୍ୟରେ ବନ୍ୟଜନ୍ତୁ ଆକ୍ରମଣରେ ୨୮ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୪୭ ଜଣ ଆହତ ହୋଇଛନ୍ତି । ସେହିପରି ବନ୍ୟଜନ୍ତୁମାନେ ୯୫୬ ଘର ଭାଙ୍ଗିବା ସହିତ ୯୪୯୦.୦୩ ଏକର ଫସଲ ନଷ୍ଟ କରିଛନ୍ତି । କ୍ଷତିଗ୍ରସ୍ତଙ୍କୁ ବନ ବିଭାଗ ତରଫରୁ ୪୦୪୦୦୫୮୧୨ ଟଙ୍କା ମଧ୍ୟ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିବା ଜଣାପଡିଛି । ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲା ସର୍ବଦା ବନ୍ୟଜନ୍ତୁଙ୍କୁ ନେଇ ଚର୍ଚ୍ଚାରେ ରହିଥାଏ । କେତେବେଳେ ଦୁର୍ଘଟଣାରେ ହାତୀଙ୍କ ଜୀବନ ନେଇ ତ ଅନ୍ୟ କେତେବେଳେ ବନ୍ୟଜନ୍ତୁଙ୍କ ଆକ୍ରମଣରେ ଧନଜୀବନ ନଷ୍ଟ ହେବା କଥା ଚର୍ଚ୍ଚା ପରିସରକୁ ଆସିଥାଏ । ଅଳ୍ପଦିନ ତଳେ ଶିକାରୀମାନେ ଆନନ୍ଦପୁର ବନଖଣ୍ଡ ଅଞ୍ଚଳରୁ ଏକ ମହାବଳ ବାଘକୁ ହତ୍ୟା କରି ଛାଲ ବିକ୍ରୀ ବେଳେ ବନବିଭାଗ ହାତରେ ଧରାପଡି ଜେଲ୍ ଯାଇଛନ୍ତି । ସେହିପରି କେନ୍ଦୁଝର ବନଖଣ୍ଡ ସଦର ରେ କପ୍ତାହିଡା ଏକ କଲରାପତରିଆ ବାଘ ଶୀକାର କରି ଯଶିପୁର ଅଞ୍ଚଳରେ ଛାଲ ବିକ୍ରୀ ବେଳେ ଧରାପଡି ଜେଲ ଯାଇଛନ୍ତି । ଏହି ଘଟଣାରେ ବନ ବିଭାଗ କାହାକୁ ଉତ୍ତରଦାୟୀ କରି କାର୍ଯ୍ୟାନୁଷ୍ଠାନ ନେଇନାହିଁ । ବିଶେଷ କରି ହାତୀ-ମଣିଷ ଲଢେଇକୁ ନେଇ କେନ୍ଦୁଝର ଚର୍ଚ୍ଚାରେ ରହିଛି । ବନ୍ୟଜନ୍ତୁଙ୍କ ସୁରକ୍ଷା ଏବଂ ଲୋକଙ୍କ ଧନଜୀବନ ରକ୍ଷା କରିବା ପାଇଁ ବନବିଭାଗ କାମ କରୁଛି । ତଥାପି ବନ୍ୟପ୍ରାଣୀଙ୍କ ଆକ୍ରମଣରେ ଧନଜୀବନ ହାନି ନିତିଦିନିଆ ଘଟଣାରେ ପରିଣତ ହେଲାଣି । ହାତୀଙ୍କ ପାଇଁ ଜଙ୍ଗଲରେ ଖାଦ୍ୟ ଅଭାବ ଏବଂ ବ୍ୟାପକ ଜଙ୍ଗଲ ନଷ୍ଟ ଯୋଗୁଁ ହାତୀପଲ ଗାଁ ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି କରୁଛନ୍ତି । ରିପୋର୍ଟ ଅନୁସାରେ ଗତ ୩ ବର୍ଷରେ ବନ୍ୟପ୍ରାଣୀଙ୍କ ଆକ୍ରମଣରେ ୨୮ ଜଣ ଲୋକଙ୍କ ଜୀବନ ଯାଇଥିବା ବେଳେ ୧୪୭ ଗୁରୁତର ଆହତ ହୋଇଛନ୍ତି । ସେହିପରି ୩ ବର୍ଷ ମଧ୍ୟରେ ବନ୍ୟଜନ୍ତୁମାନେ ୬୫୯ ଘର ଏବଂ ୯୭୯୦.୦୩ ଏକର ଫସଲ ମଧ୍ୟ ନଷ୍ଟ କରିଥିବା ସୂଚନା ମିଳିଛି । ଏହି ୩ ବର୍ଷ ମଧ୍ୟରେ କ୍ଷତିଗ୍ରସ୍ତଙ୍କୁ ସରକାରଙ୍କ ପକ୍ଷରୁ ୪୦୪୦୦୫୮୧୨ ଟଙ୍କା କ୍ଷତିପୂରଣ ଦିଆଯାଇଛି । ତଥ୍ୟ ଅନୁସାରେ ୨୦୧୯-୨୦ରେ ବନ୍ୟପ୍ରାଣୀ ଆକ୍ରମଣରେ ୯ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୨୦୨୦-୨୧ରେ ୬ ଜଣ ଏବଂ ୨୦୨୧-୨୨ରେ ୧୩ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ସରକାରୀ ନିୟମ ଅନୁସାରେ ଜଣପିଛା ୪ ଲକ୍ଷ ଟଙ୍କାର କ୍ଷତିପୂରଣ ହିସାବରେ ତିନି ବର୍ଷରେ ୧ କୋଟି ୧୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଉକ୍ତ ତିନି ବର୍ଷରେ ୧୪୭ ଜଣ ଲୋକ ବନ୍ୟପ୍ରାଣୀ ଆକ୍ରମଣରେ ଆହତ ହୋଇଛନ୍ତି । ସେଥି ମଧ୍ୟରୁ ୨୦୧୯-୨୦ରେ ୩୮ ଜଣ, ୨୦୨୦-୨୧ରେ ୫୪ ଏବଂ ୨୦୨୧-୨୨ରେ ୫୫ ଜଣ ଲୋକ ବନ୍ୟଜନ୍ତୁ ଆକ୍ରମଣରେ ଆହତ ହୋଇଛନ୍ତି । ଏଥିପାଇଁ କେନ୍ଦୁଝର ବନଖଣ୍ଡ ପକ୍ଷରୁ ୧୬ ଲକ୍ଷ ୮୫ ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଛି । ସେହିପରି ୩ ବର୍ଷ ମଧ୍ୟରେ ବନ୍ୟଜନ୍ତୁ ୬୫୯ଟି ଘର ନଷ୍ଟ କରିଛନ୍ତି । ଏ ବାବଦରେ ଲୋକଙ୍କୁ ୨୦୧୯-୨୦ରେ ୨୧ ଲକ୍ଷ ୧୬ ହଜାର, ୨୦୨୦-୨୧ରେ ୬ ଲକ୍ଷ ୬ ହଜାର ଏବଂ ୨୦୨୧-୨୨ରେ ୬ ଲକ୍ଷ ୬୬ ହଜାର ଟଙ୍କା ଦିଆଯାଇଛି । ଅନ୍ୟ ପକ୍ଷରେ ତିନି ବର୍ଷ ମଧ୍ୟରେ ବ୍ୟାପକ ଫସଲ ମଧ୍ୟ ନଷ୍ଟ ହୋଇଛି । ୨୦୨୧-୨୨ରେ ୮୦୪୩.୮୩ ଏକର ଫସଲ ସର୍ବାଧିକ ନଷ୍ଟ ହୋଇଥିବା ବନବିଭାଗ ଆକଳନ କରିଥିଲା । ୨୦୧୯-୨୦ ରେ ୯୦୪.୭୧ ଏକର ଫସଲ ନଷ୍ଟ ହୋଇଥିବା ବେଳେ ୯୧ ଲକ୍ଷ ୧୧ ହଜାର ୫୪୦ ଟଙ୍କା କ୍ଷତିପୂରଣ ଦିଆଯାଇଛି । ସେହିପରି ୨୦୨୦-୨୧ ବର୍ଷରେ ୮୩୬.୪୯ ଏକର ଫସଲ ନଷ୍ଟ ହୋଇଥିଲା । ଏ ବାବଦରେ କ୍ଷତିଗ୍ରସ୍ତ ଲୋକଙ୍କୁ ୮୫ ଲକ୍ଷ ୪୧ ହଜାର ୬୧୬ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଇଥିଲା । ଏହି ତିନି ବର୍ଷରେ ମୋଟ ୯୭୯୦.୦୩ ଏକର ଫସଲ ନଷ୍ଟ ହୋଇଥିବା ବେଳେ ୯୫୪୯ ଜଣଙ୍କୁ ୩ କୋଟି ୪୩ ଲକ୍ଷ ୯୮୧୨ ଟଙ୍କା ଦିଆଯାଇଛି । ତେଣୁ ଏହି ୩ ବର୍ଷ ମଧ୍ୟରେ ୪୦୪୦୫୮୧୨.୦୦ ଟଙ୍କା କ୍ଷତିପୂରଣ ଦିଆଯାଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି । ଅନେକ ଲୋକ ହାତୀ ଦ୍ୱାରା ଚାଷ ଜମି ଏବଂ ଘର ନଷ୍ଟ ହେବା ନେଇ ବନ ବିଭାଗ କୁ ଜଣାଇଲେ ମଧ୍ୟ ବର୍ଷ ବର୍ଷ ଧରି ସରକାରୀ କ୍ଷତିପୂରଣ ମିଳୁନଥିବାରୁ ଅସନ୍ତୋଷ ଦେଖାଦେଇଛି । ବାରମ୍ବାର କ୍ଷତିପୂରଣ ପାଇଁ ଆବେଦନ କରି କ୍ଷତିପୂରଣ ମିଳୁନଥିବାରୁ ଚାଷୀ ପୁଣି କ୍ଷୟକ୍ଷତି ହେଲେ କ୍ଷତିପୂରଣ ପାଇଁ ଆବେଦନ କରୁନାହାଁନ୍ତି ।

## ତାଳଡିହି ହାଇସ୍କୁଲ ଏବଂ ଭଗାମୁଣ୍ଡା ମେଡିକାଲରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଭଗାମୁଣ୍ଡା,(ପି.ଏନ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ତାଳଡିହି ହାଇସ୍କୁଲରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହରିଚନ୍ଦନପୁର ବ୍ଲକର ବିଡିଓ ପ୍ରଭୂକଲ୍ୟାଣ ଦାସ, ଜିଲ୍ଲାପରିଷଦ ସଦସ୍ୟ ଲକ୍ଷ୍ମୀଧର କିସାନ, ପ୍ରଧାନଶିକ୍ଷକ ଲକ୍ଷ୍ମଣ ମହାନ୍ତ, ଶିକ୍ଷକ କାହ୍ନୁ ଚରଣ ସାମଲ, ବିଭୂତି ମହାନ୍ତ, ଆନନ୍ଦ ପଲେଇ, ଲଲାଟେନ୍ଦୁ ବଳ, ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସ୍କୁଲ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ । ସେହିପରି ଭଗାମୁଣ୍ଡା ମେଡିକାଲ ଓ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟରେ ଇନ୍ସପାୟାର ୟୁଥ୍ ଫାଉଣ୍ଡେସନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଭଗାମୁଣ୍ଡା ଆରଆଇ ଶ୍ରୀଧର ନାୟକ, ଫାଉଣ୍ଡେସନର ସଭାପତି ପ୍ରେମପ୍ରକାଶ ମୁଣ୍ଡା, ମଙ୍ଗଳ ମୁଣ୍ଡା, ଲକ୍ଷ୍ମୀଧର ମହାରଣା, ବିରଞ୍ଚିମହାନ୍ତ, ଦେବାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ରହି ମେଡିକାଲ ପରିସର ଓ ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ପିଜୁଳି, ଚମ୍ପା, ରାଧାଚୁଡା, ବଉଳ ପ୍ରଭୃତି ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ ।

# ଚାକିରୀ ହରାଇଥିବା ଅଧିକାରୀଙ୍କୁ ପୁନଃ ନିଯୁକ୍ତି ଏବଂ ବକେୟା ପ୍ରାପ୍ୟ ଦାବୀ, ଆର୍ଥିକ ସମସ୍ୟା ଓ ମାନସିକ ଅବସାଦରେ ଉଚ୍ଚଶିକ୍ଷିତ ଅଧିକାରୀଙ୍କୁ ନ୍ୟାୟ ମିଳିବ କି ?

କେନ୍ଦୁଝର,(ପି.ଏନ): ଏସିଆ ମହାଦେଶରେ ସର୍ବପ୍ରଥମ ସ୍ୱ ଲୁହା କାରଖାନା ଭାବେ ପରିଗଣିତ ତଥା ଦୀର୍ଘବର୍ଷ ହେବ ବନ୍ଦ ରହିବା ପରେ ଅନ୍ୟ ଏକ ମାଲିକାନାରେ ଚାଲିଥିବା ଓଡିଶା ସ୍ୱ ଆଇରନ କାରଖାନା ପଳାଶପଙ୍ଗାରେ କାମ କରୁଥିବା ଅଫିସର ମାନେ ପୁନଃ ନିଯୁକ୍ତି ଦାବୀ କରିଛନ୍ତି । ଅଶୀଦଶକରେ କେନ୍ଦୁଝର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ପଳାଶପଙ୍ଗାଠାରେ ପ୍ରତିଷ୍ଠା ଲାଭ କରିଥିବା ଏହି ଓଡିଶା ସ୍ୱ ଆଇରନ କାରଖାନା ପରିଚାଳନାଗତ ଅସୁବିଧା ଯୋଗୁଁ ୨୦୧୨ ମସିହା ଅକ୍ଟୋବର ମାସରେ କାରଖାନା ବନ୍ଦ ହେବା ଫଳରେ ବିଭିନ୍ନ ଜ୍ଞାନ କୌଶଳରେ ଅଭିଜ୍ଞ ଥବବା ଏହି ଅଧିକାରୀମାନଙ୍କୁ ଅଧା ଦରମା ଦେଇ ରଖାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ୨୦୧୫ ରେ ଏହି ଅଧିକାରୀମାନଙ୍କୁ କୌଣସି ନୋଟିସ ନ ଦେଇ ବାହାର କରି ଦିଆଯାଇଥିଲା । ବକେୟା ଦରମା,ଫିଏଫ୍ ଓ ଗ୍ରାଚ୍ୟୁଇଟି ଏବଂ ଅନ୍ୟ ସୁବିଧା ସୁଯୋଗ ବାରମ୍ବାର ଦାବୀ ସତ୍ତ୍ୱେ ସେମାନେ ପାଇନଥିବାରୁ ମାନସିକ ଚାପ ମଧ୍ୟରେ ରହିଛନ୍ତି । ଏପରିକି ସେମାନେ ପାରିବାରିକ ଖର୍ଚ୍ଚ,ନିଜର ଓ ପରିବାରର ସ୍ୱାସ୍ଥ୍ୟ ଖର୍ଚ୍ଚ କରି ପାରି ନାହାଁନ୍ତି । ବୟସ ଆଧାରରେ ସେମାନଙ୍କୁ ନିଯୁକ୍ତି ଦେବାକୁ ନିବେଦନ କରିଛନ୍ତି । ଏ ନେଇ ଆଜି ଚାକିରୀରୁ ଛଟେଇ ହୋଇଥିବା ଅଧିକାରୀମାନେ ଜିଲ୍ଲାପାଳ ଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏହାର ଏକ ନକଲ ଜିଲ୍ଲା ଶ୍ରମ ଅଧିକାରୀ,ଫିଏଫ୍ କମିଶନରଙ୍କୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ ସଦର ବ୍ଲକ ପଳାଶପଙ୍ଗା ପଂଚାୟତ ମୁରସୁଆଁଠାରେ ୧୫/୦୪/୨୦୨୧ରେ ଏକ ଜନଶୁଣାଣୀ ହୋଇଥିଲା । ଦୀର୍ଘ ବର୍ଷ ପରେ ଓଡ଼ିଶା ସ୍ୱ ଆଇରନ୍ ପଳାଶପଙ୍ଗା ପରିସରରେ ଗ୍ରୀନଫିଲଡ ପ୍ରୋଜେକ୍ଟ ୩.୮୫ ଏମଟିପିଏ ଥ୍ରୋପୁଟ ଆଇରନ ଓର ବେନିଫିକେସନ ଏବଂ ଉତ୍ପାଦନ ଗ୍ୟାସ ପ୍ଲାଣ୍ଟ ସହିତ ୨.୦ ଏମଟିପିଏ ପେଲେଟ ପ୍ଲାଣ୍ଟ ହେଲେ ବ୍ୟାପକ କର୍ମନିଯୁକ୍ତି ହେବ ବୋଲି ଜନଶୁଣାଣୀରେ କୁହାଯାଇଥିଲା । ଏପରିକି ପୂର୍ବରୁ କାମ କରୁଥିବା ଲୋକଙ୍କୁ ପୁନଃ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶୃତି ଦିଆଯାଇଥିଲା । ମାତ୍ର ଏବେ ପୂର୍ବରୁ କାମ କରୁଥିବା ଲୋକଙ୍କୁ ପୁନଃ ନିଯୁକ୍ତି ନ ଦେଇ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବାରୁ ଅସନ୍ତୋଷ ଦେଖାଦେଇଛି । ଦୀର୍ଘବର୍ଷ ହେବ କେନ୍ଦୁଝର ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା ଏହି କାରଖାନାରେ କାମ କରି ନିଜର କ୍ୟାରିୟର ନଷ୍ଟ କରିଥିବା ଅଧିକାରୀମାନଙ୍କ ପାଇଁ ଶ୍ରମ ଆଇନ ଲାଗୁ ହୋଇ ନ ଥିବାବେଳ ସେମାନଙ୍କ ପରିବାର କେବଳ ଯେ ଆର୍ଥିକ ଦୁଃସ୍ଥିତିରେ ରହିଛନ୍ତି ତାହା ନୁହେଁ ମାନସିକ ଅବସାଦ ଓ ସମସ୍ୟା ମଧ୍ୟରେ ରହିଥିବା କଥା କାହାକୁ ଅଛପା ନୁହେଁ, ଏପରି ସ୍ଥଳେ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ଅଧିକାରୀମାନଙ୍କୁ ନ୍ୟାୟ ଦେବାକୁ ମତପୋଷଣ ହୋଇଛି ।

# ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଉଦଘାଟିତ

ନୂଆପଡ଼ା, (ପି.ଏନ): ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ଥିତ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ପଂଚମ ବ୍ୟାଚ୍ ର ଦକ୍ଷତା ନିର୍ମାଣ ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଶୈକ୍ଷିକ ବିକାଶ ସଂଯୋଜକ ହେମନ୍ତ କୁମାର ଭୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ରୂପାନ୍ତରଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଛନ୍ତି । ଏହି ଉଦଘାଟନୀ ସମାରୋହରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନକୁଳ ଶବର ଅଧ୍ୟକ୍ଷତା କରିଥିବା ବେଳେ ସାଧନକର୍ମୀ ଭାବରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, ନୂଆପଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତି, ନିଖିଳ ଓଝା ଓ ଧର୍ମେନ୍ଦ୍ର କୁମାର ଦଣ୍ଡସେନା ମଂଚାସୀନ ଥିଲେ । ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ବିଦ୍ୟୁତ ପ୍ରଭା ସାହୁ, ଅଞ୍ଜଳି ମେହେର, ନିବେଦିତା ମେହେର ଓ ଲକ୍ଷ୍ମୀପ୍ରିୟା କର ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିବା ବେଳେ ଶିକ୍ଷକ ଜୟଦେବ ବେହେରା ପ୍ରାରମ୍ଭରେ ଗଣେଶ ବନ୍ଦନା ଗାନ କରିଥିଲେ ।ପ୍ରକାଶ ଥାଉକି, ପାଂଚ ଦିନ ବ୍ୟାପି ହେବାକୁ ଥିବା ଉକ୍ତ କାର୍ଯ୍ୟକ୍ରମରେ ୪୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ଗ୍ରହଣ କରୁଛନ୍ତି । ବିଦ୍ୟାଳୟର ଶିକ୍ଷକ ସୁର ବିଜୟ କାନ୍ତ ତାଣ୍ଡି, ଗୌରୀ ଶଙ୍କର ଦୁବେ, ରତନ ସିଂ ବାରିକ, ପ୍ରଶାନ୍ତ କୁମାର ପଣ୍ଡା, ନୀଳିମା ରାଣୀ ସାଗର, ପ୍ରଭୁଦତ ପୁରୋହିତ, ରାଜଶ୍ରୀ ଦଣ୍ଡସେନା, ନିରଞ୍ଜନ ବିଶ୍ୱାଳ, ଶ୍ୟାମ ନାରାୟଣ ମୁଣ୍ଡ, ସରସ୍ୱତୀ ରାଉତ, ମହମ୍ମଦ କଲାମ, ବୈଷ୍ଣବ ମେହେର, ସିମନ୍ତ କୁମାର ହେର୍ଣ୍ଣା, ହୋସ କୁମାର କଟା, ଦୁର୍ଯ୍ୟୋଧନ ସଗରିଆ, ଆଶିଷ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ଆନନ୍ଦପୁର ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ଡକ୍ଟର ଦିଲ୍ଲୀପ କୁମାର ଦାଶ ଯୋଗ ଦେଇ ବିଭାଗର ବୁଲେଟିନ୍ ଦି କ୍ୱେଷ୍ଟ ଉନ୍ମୋଚନ କରିଥିଲେ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥିଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସେମିନାର ଉପଦେଷ୍ଟା ଡଃ ସୁବ୍ରତ କୁମାର ମହାନ୍ତି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଡଃ ଶକ୍ତି ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଡଃ କମଳିନୀ ପାଣିଗ୍ରାହୀ, ପୁଷ୍ପଲତା ରାମ୍, ପ୍ରଧ୍ୟାପିକା ଶ୍ରୀଲେଖା ସାହୁ, ସଂଘମିତ୍ରା ରାଉତ, ତନୁଶ୍ରୀ ପଣ୍ଡା, ମମତା ମିଶ୍ର, ଗୀତାଳି ନାଏକ, ସୁରୁଚି ସଂପର୍ଣ୍ଣା ସ୍ୱାଇଁ, ଆଦ୍ୟାଦେବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ।

# କେନ୍ଦ୍ରାପଡ଼ାରୁ ପ୍ଲାଷ୍ଟିକ ହଟାଇବା ପାଇଁ 'ରାଇଡ'ର ମାରାଥନ ପ୍ରୟାସ




କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବାରତୁଙ୍ଗା ଗ୍ରାମରେ ସ୍ୱେଚ୍ଛାସେବୀ ସଂଗଠନ ରାଇଡ ଓ ଏନ.ଆଇ. ଏନ.ଏଫ.ଇ.ଟି.ର ମିଳିତ ଆନୁକୂଲ୍ୟରେ ଅନୁସୂଚିତ ଜାତି ମହିଳାମାନଙ୍କ ପାଇଁ ଏକ ଦଶ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏନ.ଆଇ. ଏନ. ଏଫ. ଇ. ଟି.ର ଲକ୍ଷ୍ମୀକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାବାର୍ଡର ଡିଡିଏମ ଅଶୋକ କୁମାର ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ବୈଜ୍ଞାନିକ ସୁଜାଇ ଦାସ, ସହକାରୀ ଅଜୟ ଘୋଷ, ଟେକନିସିଆନ କାଞ୍ଚନ ରାୟ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀ ମହିଳାମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଅତିଥିମାନଙ୍କ ମତରେ ଆଜିବି ମାର୍କେଟରେ ଚାହିଦା ଥିବା ୧୧୦ ପ୍ରକାର ଝୋଟ ତିଆରି ସାମଗ୍ରୀ ତିଆରି କରାଯାଇପାରିବ । ସେଥି ମଧ୍ୟରୁ ଝୋଟ ତିଆରି ରାକ୍ଷୀ ଅନ୍ୟତମ । ଏହି ଝୋଟ ତିଆରି ସାମଗ୍ରୀର ବ୍ୟବହାର ବୃଦ୍ଧି ମାଧ୍ୟମରେ ପ୍ଲାଷ୍ଟିକର ବ୍ୟବହାରକୁ ହଟାଯାଇ କିମ୍ବା ରୋକାଯାଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । 'ରାଇଡ'ର ସମ୍ପାଦକ କିଶୋର କୁମାର ସାହୁ ଏହି ଶିବିରର ପରିଚାଳନା କରିଥିଲେ । 'ରାଇଡ' ପକ୍ଷରୁ ଏହାପୂର୍ବରୁ ପ୍ରାୟ ୮ଥର ଜିଲ୍ଲାର ବିଭିନ୍ନ ସ୍ଥାନରେ ଝୋଟରେ ନିର୍ମିତ ସାମଗ୍ରୀ ତିଆରି କରିବାକୁ ମହିଳାମାନଙ୍କୁ ତାଲିମ ପ୍ରଦାନ କରାଯାଇଛି । ଫଳରେ ଝୋଟଚାଷ ପ୍ରତି ବିମୁଖ ହୋଇପଡିଥିବା ଚାଷୀମାନେ ଝୋଟଚାଷ ପ୍ରତି ଆଗ୍ରହ ପ୍ରକାଶ କରିବେ । ତେଣୁ ରାଇଡ ପକ୍ଷରୁ ଝୋଟ ନିର୍ମିତ ସାମଗ୍ରୀ ତିଆରି ପାଇଁ ମାରାଥନ ପ୍ରୟାସ କରାଯାଉଥିବା ଦେଖାଯାଇଛି ।

## ବିଶ୍ୱଶାନ୍ତି ପାଇଁ ପ୍ରକୃତି ପୂଜା ଓ ବୃକ୍ଷ ରୋପଣ

ବଲାଙ୍ଗିର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲାର ସଦରର ଜନମୁରା ଯୋଗୀ ଯୋଗିନୀ ମଠରେ ବିଶ୍ୱ ଶାନ୍ତି, ପ୍ରକୃତି ଶାନ୍ତି ଅବସରରେ ବୈଦିକ ଯଜ୍ଞ ଓ ବୃକ୍ଷ ପୂଜନ ଓ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶ ପ୍ରଦୂଷଣ ପାଇଁ ଓ ଜଙ୍ଗଲ ନଷ୍ଟ ଯୋଗୁଁ ଏବେ ସାରା ବିଶ୍ୱରେ ପ୍ରକୃତି ନିୟନ୍ତ୍ରଣ ହରାଇଛି । କେବେ କରୋନା ତ କେବେ ବଜ୍ରାଘାତ, କେବେ ଉତାପ ବୃଦ୍ଧି ତ କେବେ ଅଂଶୁଘାତ, ବନ୍ୟା ବାତ୍ୟା ମରୁଡି ଓ ନାନା ଅଜଣା ରୋଗରେ ଲୋକେ ପୋକମାଛି ପରି ମରୁଛନ୍ତି, କେତେକ ପଙ୍ଗୁ ଅବସ୍ଥାରେ ବି ଅଛନ୍ତି । ସୁବର୍ଣ୍ଣପୁରରେ ଶ୍ରାବଣ ମାସର କର୍କଟ ସକ୍ରାନ୍ତି ଅବସରରେ ପତଞ୍ଜଳି ଯୁବ ଭାରତର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ପଣ୍ଡା, କିସନ୍ ପ୍ରଭାରୀ ଲକ୍ଷ୍ମଣ ପ୍ରଧାନ ସମେତ ଆର୍ଯ୍ୟ ସମାଜର ପଙ୍କଜ ମେହେର ଓ ମହାଜନ ସୁବର୍ଣ୍ଣପୁର ଜିଲ୍ଲାର ଜନମୁରା ଗାଁରେ ସାମୁହିକ ଭାବେ ଆର୍ଯ୍ୟ ବୈଦିକ ରୀତିରେ ଯଜ୍ଞ ଓ ବୃକ୍ଷ ପୂଜନ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ଚଣ୍ଡିଖୋଲ କୋର୍ଟରେ ନୂତନ ବିଚାରପତିଙ୍କ ଯୋଗଦାନ

ଚଣ୍ଡିଖୋଲ,(ପିଏନ):ଚଣ୍ଡିଖୋଲ କୋର୍ଟରେ ଆଜି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଭାବେ ସୁଶ୍ରୀ ପରବିନ୍ ମଣ୍ଡଳ ଯୋଗ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ବାର ଆସୋସିଏସନ ସଭାପତି ଦେବରାଜ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବିଚାରପତି ସୌଭାଗ୍ୟ ରଂଜନ ସ୍ୱାଇଁ ଯୋଗଦେଇ ନୂତନ ବିଚାରପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ । ନବ ନିଯୁକ୍ତ ବିଚାରପତି ସୁଶ୍ରୀ ପରବିନ୍ ମଣ୍ଡଳ ଓକିଲ, ମହକିଲମାନଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା କରି ଜନସାଧାରଣଙ୍କୁ ସଠିକ୍ ନ୍ୟାୟ ପ୍ରଦାନ କରିବାକୁ ନିଜର ପ୍ରାଥମିକତା ଦେବେ ବୋଲି କହିଥିଲେ । ବାର ଆସୋସିଏସନ ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ସୁଚନା ଓ ସ୍ୱାଗତ ଭାଷଣ ଦେଇଥିଲେ । ପୁର୍ବରୁ ବିଚାରପତି ସୁଶ୍ରୀ ମଣ୍ଡଳ ନବରଙ୍ଗପୁର ଜିଲ୍ଲା ଉମରକୋଟ ସ୍ଥିତ ଜେଏମ୍ଏଫ୍‌ସି କୋର୍ଟରେ ଦୀର୍ଘଦିନ ଧରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଭାବେ ଦକ୍ଷତାର ସହିତ କାର୍ଯ୍ୟକରି ପ୍ରଶଂସିତ ହୋଇଥିଲେ । ଆଜିର ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ନଳୀନିକାନ୍ତ ମିଶ୍ର, ଫାଲଗୁନି ବିଶ୍ୱାଳ, କୁମର ପ୍ରସାଦ ବେହେରା, ନିରଂଜନ ମୁଦୁଲି, ଉଦୟନାଥ ସାହୁ, ଦୀନବନ୍ଧୁ ନାୟକ, ସିରିଶ ସାମଲ, କୁମରବର ନାୟକ, ପବିତ୍ର କର, ଚିନ୍ମୟ ପ୍ରତାପ, ପ୍ରଦୀପ୍ତ କୁମାର ପରିଡା, ରମେଶ କୁମାର ନନ୍ଦ, ଜ୍ୟୋର୍ତିମୟୀ ସ୍ୱାଇଁ, ସବିତା ବେହେରା, ପ୍ରତିମା ସାହୁ, କିଶୋର ନାୟକ, ସଶାଂକ ଶତପଥୀ, ନିରଜଂନ ସାମଲ, ସମ୍ମିତ ମହାପାତ୍ର, ବିରଂଚ ନାରାୟଣ ଆଚାର୍ଯ୍ୟ, ଜ୍ଞାନେଶ ମହାନ୍ତି, ସୁରେଶ ଚନ୍ଦ୍ର ସହାଣୀ, ସୁଧାଂଶୁ କର, ବିକଳ ଦାଶ, ଅଶୋକ ଜେନା, ରୁଦ୍ର ନାରାୟଣ ମହାନ୍ତି, ଅଜିତ ରାଉତ, ନଗେନ୍ଦ୍ର ପାତ୍ର, ଅବିନାଶ ବଳ, ଜିତେନ୍ଦ୍ର ତ୍ରିପାଠି, ଖଗେଶ୍ୱର ରାଉତ, ପ୍ରେମାନନ୍ଦ ବେହେରା, ଜ୍ୟୋତି ଶଙ୍କର ମହାପାତ୍ର, ସୁବ୍ରତ ସ୍ୱାଇଁ, ବିନୋଦ ରଥ ପ୍ରମୁଖ ନବ ନିଯୁକ୍ତ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଉପସଭାପତି ଶ୍ରୀକାନ୍ତ ବଳ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଉଭୟ ବିଚାରପତି କୋର୍ଟ ପରିସରରେ ଥିବା ବାରିଷ୍ଟର ମଧୁ ସୁଦନ ଦାସ ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୁର୍ତିରେ ମାଲ୍ୟାର୍ପଣ କରିଥିଲେ ।

# କାସିଆ ଲୁହା ଖଣି ଅଂଚଳରେ ମୋବାଇଲ୍, ଥଣ୍ଡା ପାନୀୟ ଜଳ ଭ୍ୟାନ୍ ଏବଂ ସ୍କୁଲ ବସ୍ ସେବାର ଶୁଭାରମ୍ଭ

ଯୋଡା,(ପି.ଏନ):ଏହି ଖଣି ଅଂଚଳରେ ଜୀବନର ଗୁଣବତ୍ତା ବୃଦ୍ଧି ପାଇଁ ନିଜର ପ୍ରତିବଦ୍ଧତା ପୂରଣ କରି ଜେଏସ୍‌ପିଏଲ୍ ଫାଉଣ୍ଡେସନ୍, ସୋସିଆଲ ଆର୍ମ ଅଫ୍ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଆଜି ମୋବାଇଲ୍, ଥଣ୍ଡା ପାନୀୟ ଜଳ ଭ୍ୟାନ୍ ଏବଂ ଏକ ସ୍କୁଲ ବସ୍ ସେବା କାସିଆ ଆଇରନ୍ ଖଣି ଠାରେ ଆରମ୍ଭ କରିଛି । ଏହି ସେବାକୁ କାସିଆ ଆଇରନ୍ ଖଣିର ମୁଖ୍ୟ ଶ୍ରୀ ଅଜିତ୍ ପାତ୍ର ରିବନ୍ କାଟି ଉଦ୍‌ଘାଟନ କରିଥିଲେ ଏବଂ ପରେ ବାହନ ଗୁଡିକ ଯଥାକ୍ରମେ ସେରେଣ୍ଡା ଏବଂ ଭଦ୍ରାସାହିର ସରପଂଚ ଶ୍ରୀମତୀ ସସ୍ମିତା ସିଧୁ ଏବଂ ଶ୍ରୀମତୀ ପ୍ରମିଳା ନାୟକଙ୍କ ଦ୍ୱାରା ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା । ଏହି ଅବସରରେ ଭଦ୍ରସାହି ଏବଂ ସେରେଣ୍ଡା ଗ୍ରାମ ପଂଚାୟତର ଅନ୍ୟ ପିଆରଆଇ ସଦସ୍ୟ ଏବଂ ଜେଏସ୍‌ପିଏଲ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । ଫାଉଣ୍ଡେସନ୍ ଏହାର ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଯୋଡା, ବଡବିଲ ଅଂଚଳର ଗ୍ରାମ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାକୁ ପ୍ରୋତ୍ସାହିତ କରୁଛି । ବିଦ୍ୟାଳୟ ବସ୍ ଭଦ୍ରାସାହି ଏବଂ ସେରେଣ୍ଡା ପଂଚାୟତ ଦେଇ ଯାଉଥିବା ଛାତ୍ରଛାତ୍ରୀଙ୍କୁ ଉପକୃତ କରିବ । ଛାତ୍ରଛାତ୍ରୀମାନେ ସହଜରେ ବିଦ୍ୟାଳୟକୁ ଯିବା ଆସିବା କରିବାରିବେ ଯାହାଦ୍ୱାରା ଅନୁପସ୍ଥିତତା ଏବଂ ଡ୍ରପଆଉଟ୍ ହାରରେ କମି ଆସିବ । ଏହି ଅଂଚଳରେ ପାନୀୟ ଜଳ ସୁବିଧା ଯୋଗାଇବା ପାଇଁ ସ୍ଥାନୀୟ ଲୋକଙ୍କ ବହୁବର୍ଷ ରୁ ଦାବି ରହି ଆସିଛି । କାରଣ କାସିଆ ଆଇରନ୍ ଖଣିର ପାରିପାର୍ଶ୍ୱିକ ଅଂଚଳରେ ଉଗ୍ର ପାନୀୟ ଜଳ ସମସ୍ୟା ରହିଛି । ମୋବାଇଲ୍ ଥଣ୍ଡା ପାନୀୟ ଜଳ ଭ୍ୟାନ୍ ଏହି ସମସ୍ୟାର ସମାଧାନ ପାଇଁ ଫାଉଣ୍ଡେସନ୍ ଦ୍ୱାରା ଏକ ପ୍ରୟାସ । ଏହି ଭ୍ୟାନର କ୍ଷମତା ୧୨୦୦ ଲିଟର । ଜେଏସ୍‌ପିଏଲ ଫାଉଣ୍ଡେସନ ଟ୍ୟୁବ୍‌ୱେଲସ, ଓଭର ହେଡ୍ ଟ୍ୟାଙ୍କ ୱାଟର, ଏଟିଏମ୍ ଏବଂ ଥଣ୍ଡା ପାନୀୟ ଜଳ ଭ୍ୟାନ୍ ମାଧ୍ୟମରେ ଦେଶର ୨୦ ଲକ୍ଷରୁ ଅଧିକ ଗ୍ରାମାଞ୍ଚଳକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରି ଆସୁଛି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ଚଣ୍ଡିଖୋଲ କୋର୍ଟରେ ନୂତନ ବିଚାରପତିଙ୍କ ଯୋଗଦାନ




ଚଣ୍ଡିଖୋଲ,(ପି.ଏନ): ଚଣ୍ଡିଖୋଲ କୋର୍ଟରେ ଆଜି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଭାବେ ସୁଶ୍ରୀ ପରବିନ୍ ମଣ୍ଡଳ ଯୋଗ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ବାର ଆସୋସିଏସନ ସଭାପତି ଦେବରାଜ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବିଚାରପତି ସୌଭାଗ୍ୟ ରଂଜନ ସ୍ୱାଇଁ ଯୋଗଦେଇ ନୂତନ ବିଚାରପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ । ନବ ନିଯୁକ୍ତ ବିଚାରପତି ସୁଶ୍ରୀ ପରବିନ୍ ମଣ୍ଡଳ ଓକିଲ, ମହକିଲମାନଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା କରି ଜନସାଧାରଣଙ୍କୁ ସଠିକ୍ ନ୍ୟାୟ ପ୍ରଦାନ କରିବାକୁ ନିଜର ପ୍ରାଥମିକତା ଦେବେ ବୋଲି କହିଥିଲେ । ବାର ଆସୋସିଏସନ ସମ୍ପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ସୁଚନା ଓ ସ୍ୱାଗତ ଭାଷଣ ଦେଇଥିଲେ । ପୁର୍ବରୁ ବିଚାରପତି ସୁଶ୍ରୀ ମଣ୍ଡଳ ନବରଙ୍ଗପୁର ଜିଲ୍ଲା ଉମରକୋଟ ସ୍ଥିତ ଜେଏମ୍ଏଫ୍ସି କୋର୍ଟରେ ଦୀର୍ଘଦିନ ଧରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଭାବେ ଦକ୍ଷତାର ସହିତ କାର୍ଯ୍ୟକରି ପ୍ରଶଂସିତ ହୋଇଥିଲେ । ଆଜିର ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ନଳୀନିକାନ୍ତ ମିଶ୍ର, ଫାଲଗୁନି ବିଶ୍ୱାଳ, କୁମର ପ୍ରସାଦ ବେହେରା, ନିରଂଜନ ମୁଦୁଲି, ଉଦୟନାଥ ସାହୁ, ଦୀନବନ୍ଧୁ ନାୟକ, ସିରିଶ ସାମଲ, କୁମରବର ନାୟକ, ପବିତ୍ର କର, ଚିନ୍ମୟ ପ୍ରତାପ, ପ୍ରଦୀପ୍ତ କୁମାର ପରିଡା, ରମେଶ କୁମାର ନନ୍ଦ, ଜ୍ୟୋର୍ତିମୟୀ ସ୍ୱାଇଁ, ସବିତା ବେହେରା, ପ୍ରତିମା ସାହୁ, କିଶୋର ନାୟକ, ସଶାଂକ ଶତପଥୀ, ନିରଜଂନ ସାମଲ, ସମ୍ବିତ ମହାପାତ୍ର, ବିରଂଚ ନାରାୟଣ ଆଚାର୍ଯ୍ୟ, ଜ୍ଞାନେଶ ମହାନ୍ତି, ସୁରେଶ ଚନ୍ଦ୍ର ସହାଣୀ, ସୁଧାଂଶୁ କର, ବିକଳ ଦାଶ, ଅଶୋକ ଜେନା, ରୁଦ୍ର ନାରାୟଣ ମହାନ୍ତି, ଅଜିତ ରାଉତ, ନଗେନ୍ଦ୍ର ପାତ୍ର, ଅବିନାଶ ବଳ, ଜିତେନ୍ଦ୍ର ତ୍ରୀପାଠି, ଖଗେଶ୍ୱର ରାଉତ, ପ୍ରେମାନନ୍ଦ ବେହେରା, ଜ୍ୟୋତି ଶଙ୍କର ମହାପାତ୍ର, ସୁବ୍ରତ ସ୍ୱାଇଁ, ବିନୋଦ ରଥ ପ୍ରମୁଖ ନବ ନିଯୁକ୍ତ ବିଚାରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଉପସଭାପତି ଶ୍ରୀକାନ୍ତ ବଳ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଉଭୟ ବିଚାରପତି କୋର୍ଟ ପରିସରରେ ଥିବା ବାରିଷ୍ଟର ମଧୁ ସୁଦନ ଦାସ ଓ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୁର୍ତିରେ ମାଲ୍ୟାର୍ପଣ କରିଥିଲେ ।

## ଜେଲ ଗଲା ପୁରୁଷ ବନ୍ଧୁ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ମହମ୍ମୁଦା ଗ୍ରାମର ଛାତ୍ରୀ ଶୁଭ୍ରାଶୁଭଦର୍ଶନୀ ଆତ୍ମହତ୍ୟା ଘଟଣା ମଙ୍ଗଳବାର ଭିନ୍ନମୋଡ ନେଇଛି । ଥାନାରୁ ନ୍ୟାୟ ନ ମିଳିବାରୁ ଯୁବତୀ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ପ୍ରେମ ବ୍ୟାପାରକୁ ନେଇ ଏହି ଆତ୍ମହତ୍ୟା ହେଇଥିବା ପୋଲିସ କହିଛି । ଏହି ଆତ୍ମହତ୍ୟା ପାଇଁ ମୃତା ଯୁବତୀଙ୍କ ପୁରୁଷ ବନ୍ଧୁ ଉକ୍ତ ଗ୍ରାମର ଶଶିକାନ୍ତ ସାମଲଙ୍କୁ ପୋଲିସ ଗିରଫ କରି ଜେଲକୁ ପଠାଇଦେଇଛି । ଯୁବତୀ ଜଣକ ଆତ୍ମହତ୍ୟା କରିବା ପାଇଁ ତାଙ୍କ ପୁରୁଷ ବନ୍ଧୁ ଦାୟୀ ବୋଲି ପୋଲିସ କହିଛି । ସୂଚନା ଥାଉକି ଗତ ୧୫ ତାରିଖରେ ମହମ୍ମୁଦା ଗ୍ରାମର ଶୁଭ୍ରାଶୁଭଦର୍ଶନୀ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ପୂର୍ବରୁ ଏକ ରାଜନୈତିକ ପରିବାର ସହ ତାଙ୍କ ପରିବାରର ଗଣ୍ଡଗୋଳ ଘଟିଥିଲା । ଥାନାରୁ ନ୍ୟାୟ ନ ପାଇବାରୁ ସେ ଆତ୍ମହତ୍ୟା କରିଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ଉପରେ ପୋଲିସ ସଂପୃକ୍ତ ରାଜନେତାଙ୍କ ପରିବାରର ଦୁଇଜଣଙ୍କୁ ଉଠାଇ ଆଣି ପଚରା ଉଚରା କରିଥିଲା । ହେଲେ ତଦନ୍ତ ବେଳେ ଜଣାପଡିଲା ଯେ ସେମାନେ ଏଥିପାଇଁ ଦାୟୀ ନୁହଁନ୍ତି । ଯୁବତୀ ଜଣକ ଜଣେ ଯୁବକଙ୍କୁ ପ୍ରେମ କରୁଥିଲେ । ପ୍ରେମ ଓ ପ୍ରତାରଣାକୁ କେନ୍ଦ୍ରକରି ସେ ଆତ୍ମହତ୍ୟା କରିଥିବା ପୋଲିସ ସୂଚନା ଦେଇଛି । ଯୁବତୀଙ୍କ ମା' ଅଭିଯୋଗରେ ଯେଉଁମାନଙ୍କ ନାମ ଦର୍ଶାଇଥିଲେ ସେମାନେ ପୋଲିସ ତଦନ୍ତ ବେଳେ ଅଭିଯୁକ୍ତ ବୋଲି ପ୍ରମାଣିତ ହୋଇପାରିଲେ ନାହିଁ । ତେଣୁ ପୋଲିସ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## ଆମ ଟିଭି ମ୍ୟୁଜିକ୍ର ନୂଆ ମ୍ୟୁଜିକ୍ ଭିଡ଼ିଓ ମନ ହଜିଯାଇଛି




ଖୋର୍ଦ୍ଧା,(ପି.ଏନ): ଆମ ଟିଭି ମ୍ୟୁଜିକ୍ର ଛାଁକୁ ଛାଁ ଓ ଜହ୍ନ ଗୋଟାଏ ମିଠା ବିସ୍କୁଟ୍ର ଅପୂର୍ବ ସଫଳତା ପରେ ଏବେ ପୁଣି ଏକ ନୂଆ ମ୍ୟୁଜିକ୍ ଭିଡ଼ିଓ ପ୍ରସ୍ତୁତ କରିଛି ଆମ ଟିଭି ମ୍ୟୁଜିକ୍ ମନ ହଜିଯାଇଛି । ଏଥିରେ ନାୟିକା ସସ୍ମିତା ପଣ୍ଡାଙ୍କ ସହ ବଡ଼ି ବିଲିଡ଼ିଂରେ କ୍ୟାରିୟର ଆରମ୍ଭ କରିଥିବା ବ୍ରହ୍ମପୁରର ଏସ୍ ଅଜିତ୍ କୁମାର ପାତ୍ର ଅଭିନୟ କରିଛନ୍ତି । ବର୍ତମାନ ଗ୍ଲାମର ଦୁନିଆରେ ପାଦ ଦେଇଛନ୍ତି ଅଜିତ୍ । ଏହି ଭିଡ଼ିଓଟି ଦୁଇଟି ସୁନ୍ଦର ଅଭିନୟ ସହ ୱାନସାଇଟ୍ ଲଭ ଷ୍ଟୋରୀ ଆଧାରିତ । ଆମ ଟିଭି ମ୍ୟୁଜିକ୍ ଦ୍ୱାରା ଭୁବନେଶ୍ୱରରେ ଆଲବମ୍ଟି ସମ୍ପୂର୍ଣ୍ଣ ଭାବେ ସୁଟିଂ କରାଯାଇଛି । ମ୍ୟୁଜିକ୍ରେ ଅଜିତ୍ ଜିମ୍ ପ୍ରଶିକ୍ଷକ ଭୂମିକାରେ ଅଛନ୍ତି । ଏବଂ ଅଭିନେତ୍ରୀ ସସ୍ମିତା ସେଠାକୁ ପ୍ରଶିକ୍ଷଣ ନେବାକୁ ଆସନ୍ତି । ଆଉ ସସ୍ମିତା ଅଜିତ୍କୁ ୱାନସାଇଡ୍ ଲଭ୍ କରି ବସିଛନ୍ତି । ଅଜିତ୍ଙ୍କ ମନରେ ପ୍ରେମ ଥିଲେ ବି ସସ୍ମିତାକୁ ପ୍ରକାଶ କରି ପାରି ନାହାଁନ୍ତି । ଶେଷରେ ସସ୍ମିତାଙ୍କ ପ୍ରେମକୁ ସ୍ୱିକୃତି ଦେଇଛନ୍ତି ଅଜିତ୍ । ତେବେ ରାଜେନ୍ଦ୍ର ମହନ୍ତ ଏହି ମ୍ୟୁଜିକ୍ ଭିଡ଼ିଓର ନିର୍ଦ୍ଦେଶନା ଦେଇଥିବା ବେଳେ ଅନୁରାଧା ପାଣିଗ୍ରାହୀ କଣ୍ଠ ଦାନ କରିଛନ୍ତି । ସଂଗୀତ ଦେଇଛନ୍ତି ମ୍ୟୁଜିକ୍ ସାଇନ୍ଟିଷ୍ଟି ପ୍ରେମାନନ୍ଦ, ପ୍ରଯୋଜନା କରିଛନ୍ତି ପ୍ରଣୟ ଜେଠୀ ପୂର୍ବରୁ ମଧ୍ୟ ଆମ ଟିଭି ମ୍ୟୁଜିକ୍ ପ୍ରଡ଼କ୍ସରେ ଦୁଇଟି ଗୀତ ଛାଁ କୁ ଛାଁ ଏବଂ ଜହ୍ନ ଗୋଟିଏ ମିଠା ବିସ୍କୁଟ୍ ବହୁତପପୁଲାର ହୋଇଥିଲା । ବର୍ତମାନ ଆମ ଟିଭି ମ୍ୟୁଜିକ୍ ପ୍ରଡ଼କ୍ସନରେ ମୁକ୍ତି ଲାଭ କରିଥିବା ମନ ହଜିଯାଇଛି ଭିଡ଼ିଓଟି ଲୋକଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଉଛି ।

## ୨୪ ଲକ୍ଷ ଟଙ୍କା ପୈଠ କରିବାକୁ ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ସହର ଦେଇ ବହି ଯାଇଥିବା ଗୋବରୀ ନଦୀ ଜଳ ଦିନକୁ ଦିନ ଦୂଷିତ ହେବାରେ ଲାଗିଛି । ଏହି ଜଳକୁ ପ୍ରଦ୍ୟୁଷଣ ମୁକ୍ତ ରଖିବାରେ କେନ୍ଦ୍ରାପଡ଼ା ପୌରପାଳିକା ସଫଳ ହୋଇପାରିନି । ତେଣୁ କେନ୍ଦ୍ରାପଡ଼ା ପୌରପାଳିକାକୁ ୨୪ ଲକ୍ଷ ଟଙ୍କାର ଜୋରିମାନା ଦଣ୍ଡରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଦଣ୍ଡିତ କରିଛନ୍ତି । ଗତ ୨୦୨୦ ମସିହା ଜାନୁୟାରୀ ମାସରୁ ୨୦୨୨ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମୟ ଅବଧି ମଧ୍ୟରେ ଏହି ଜୋରିମାନା ଦଣ୍ଡାଦେଶ କରାଯାଇଥିବା ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶରେ ଦର୍ଶାଯାଇଛି । ଏହି ଅର୍ଥ ପୌରପାଳିକା ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡରେ ପୈଠ କରିବ । ସେହିପରି ଏବେଠାରୁ ପ୍ରତି ମାସରେ ପୌରପାଳିକା ଏକ ଲକ୍ଷ ଟଙ୍କା ଜୋରିମାନା ଆକାରରେ ରାଜ୍ୟ ପ୍ରଦ୍ୟୁଷଣ ନିୟନ୍ତ୍ରଣ ବୋର୍ଡ ନିକଟରେ ପୈଠ କରିବ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି । ଏହାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ମାସ ୮ ତାରିଖରେ ହେବ ।ଭିନ୍ନମୋଡ଼ ନେଲା ଛାତ୍ରୀ ଆତ୍ମହତ୍ୟା ଘଟଣା

## ରୋଟାରୀ ଓ ଇନରହୁଇଲ କ୍ଲବ ଜାରକା ପକ୍ଷରୁ ଚାରାରୋପଣ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ରୋଟାରୀ କ୍ଲବ ଓ ଇନର ହୁଇଲ କ୍ଲବ ଜାରକା ମିଳିତ ଆନୁକୂଲ୍ୟରେ ଆୟୋଜିତ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରମାକାନ୍ତ ଜେନା ଅତିଥି ଭାବେ ଯୋଗଦେଇ ଚାରାରୋପଣର ଶୁଭାରମ୍ଭ କରିଥିଲେ । ଆଜି ଧର୍ମଶାଳା ବ୍ଲକ ସ୍ଥିତ ନୂଆଗାଁଠାରୁ ଜାମୁବଣିଆ ମୌଜା ସଂଯୋଗ କରୁଥିବା ରାସ୍ତାର ଗୋଟିଏ ପାର୍ଶ୍ୱରେ ବିବେକାନନ୍ଦ ଶିକ୍ଷା ନିକେତନଠାରୁ ପ୍ରାୟ ଏକ କିଲୋମିଟର ବ୍ୟାପି ରାସ୍ତାକଡ଼ରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି । ଏଥିରେ ରୋଟାରୀ କ୍ଲବ ସଭାପତି ପ୍ରମୋଦ ସାମଲ, ସଂପାଦକ ସୁକାନ୍ତ ସ୍ୱାଇଁ, ଇନର ହୁଇଲ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ କର, ସଂପାଦିକା ବିଶ୍ୱମିତ୍ରା ସାହୁଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ସିଡିଏମ୍ଓ ରୋଟାରିଆନ୍ ଡାକ୍ତର ବିଜୟ କୁମାର ଶତପଥୀ, ନିରଂଜନ ପାଣିଗ୍ରାହୀ, ଅଜାମ୍ବର ସାହୁ, ପ୍ରଦୀପ୍ତ ବରାଳ, ବିନୋଦ ପରିଡ଼ା, ଚକ୍ରଧର ଲେଙ୍କା, କଳାକର ମହାନ୍ତି, ଜ୍ୟୋତି ଆଚାର୍ଯ୍ୟ, ଜୟନ୍ତ ସାହୁ, ଇଂ. ବିପିନ ଷଡ଼ଙ୍ଗୀ, ହରିହର ପଣ୍ଡା, ପ୍ରଶାନ୍ତ ପୃଷ୍ଟି, ରଂଜନ ରାୟ, ଜୟ ପ୍ରକାଶ ତ୍ରିପାଠୀ ପ୍ରମୁଖ ସମସ୍ତ ରୋଟାରୀ କ୍ଲବ ସଦସ୍ୟ କରଂଜ, ଜାମୁ, ବଉଳ ପ୍ରଭୃତି ଚାରା ରୋପଣ କରିଥିଲେ । ସେହିପରି ଇନର ହୁଇଲ କ୍ଲବର ପି.ପି. ମିନତି ସାହୁ, ମାଧୁରୀ ଶତପଥୀ, ରଶ୍ମିତା ନାୟକ, କଳ୍ପନା ଖୁଣ୍ଟିଆ, ପ୍ରଭାତ ନଳିନୀ ସାହୁ, ଶକୁନ୍ତଳା ମହାନ୍ତି, ଅର୍ଚ୍ଚନା ସ୍ୱାଇଁ, ଲୋପାମୁଦ୍ରା ଷଣ୍ଢ, କଳ୍ପନା ପରିଡ଼ା, କାଦମ୍ବିନୀ ମିଶ୍ର, ଉପାସନା ଶତପଥୀ ପ୍ରମୁଖ ସମସ୍ତ ସଦସ୍ୟା ଚାରାରୋପଣ କରିଥିଲେ ।

## ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ଶ୍ରାଦ୍ଧୋତ୍ସବ ପାଇଁ ପ୍ରସ୍ତୁତି

ଧର୍ମଶାଳା,(ପିଏନ୍): ଧର୍ମଶାଳା ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସଦସ୍ୟ ସ୍ୱର୍ଗତ କଳ୍ପତରୁ ଦାସଙ୍କ ସପ୍ତମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଆସନ୍ତା ୨୫ ତାରିଖରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସହ ଜାରକାସ୍ଥିତ ଷ୍ଟାଡିଅମ ପରିସରରେ ସ୍ମୃତି ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହେବ । ଏନେଇ ଆଜି ବିଜେଡି ପକ୍ଷରୁ ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବ୍ଲକ ସଭାପତି ଜଳଧର ମାହନ୍ତି ସୂଚନା ଦେଇଛନ୍ତି । ୨୫ ତାରିଖ ଅପରାହ୍ନ ୩ଟାରେ ଜାରାକସ୍ଥିତ ଷ୍ଟାଡିଅମ ପରିସରରେ କଳ୍ପତରୁ ଦାସ ନେସନାଲ ଫାଉଣ୍ଡେସନ ଓ ବିଜେଡି ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହେବାକୁଥିବା ଶ୍ରଦ୍ଧାଳି ସଭାରେ ରାଜସ୍ୱମନ୍ତ୍ରୀ ପ୍ରମିଳା ମଲିକ, ପୁର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡାଇ, ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ଏହି ଅବସରରେ ଜାରାକସ୍ଥିତ ଷ୍ଟାଡିଅମରେ ବିଜେଡି ଛାତ୍ର ଓ ମହିଳା , ଚଣ୍ଡିଖୋଲ ନିକଟସ୍ଥ ଧର୍ମଶାଳା ଭବନରେ ବଜେଡି, କାଏମା କଲ୍ୟାଣ ମଣ୍ଡପ ଠାରେ ଗାର୍ଲସ ଉଇଙ୍ଗ, ଚଡେଇଧରାସ୍ଥିତ ଜଗନ୍ନାଥଜିଉ ମହାବିଦ୍ୟାଳୟରେ ଯୁବ ବିଜେଡି ଓ ଓଡିଶୋ କଲ୍ୟାଣ ମଣ୍ଡପ ଠାରେ ନିର୍ବାଚନ ମଣ୍ଡଳୀର ୯ ଗୋଟି ପଂଚାୟତର ବିଜେଡି କର୍ମୀଙ୍କ ପକ୍ଷରୁରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସଭାପତି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।

## କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମ ଥର ପାଇଁ ହେଲା ନିଟ୍ ପ୍ରବେଶିକା ପରୀକ୍ଷା



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମ ଥର ପାଇଁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି ନିଟ୍ (ନ୍ୟାସନାଲ ଇଲିଜିବିଲିଟି ଏଣ୍ଟ୍ରାନ୍ସ ଟେଷ୍ଟ) ପରୀକ୍ଷା । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଭାବେ ଏହି ପରୀକ୍ଷାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିଛନ୍ତି । ଏହି ପରୀକ୍ଷା ଦେବା ପାଇଁ ୮୭୮ଜଣ ଛାତ୍ରଛାତ୍ରୀ ନାମ ପଞ୍ଜିକରଣ କରିଥିବା ବେଳେ ସେଥିମଧ୍ୟରୁ ୮୫୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଡଃ. ଜ୍ଞାନୀନ୍ଦ୍ର ଦାଶ କେନ୍ଦ୍ରର ଅବଜରଭର ଭାବେ ଦାୟିତ୍ୱ ତୁଲାଇଥିଲେ । ଏ ସଂକ୍ରାନ୍ତରେ ଅବଜରଭର ଡଃ. ଦାଶଙ୍କୁ ପଚାରିବାରୁ ସେ କହିଲେ କେନ୍ଦ୍ର ସରକାରଙ୍କ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏହି ପରୀକ୍ଷା କରାଇଥାଏ । ପୂର୍ବରୁ କେନ୍ଦ୍ରାପଡ଼ାରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇ ନ ଥିଲା । କିନ୍ତୁ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଅଧ୍ୟକ୍ଷ ଦାୟିତ୍ୱ ନେବା ପରେ ମହାବିଦ୍ୟାଳୟରେ ଶୈକ୍ଷିକ ବାତାବରଣରେ ପରିବର୍ତ୍ତନ ଆସିଛି । ଏଥିସହ ମହାବିଦ୍ୟାଳୟର ମାନ୍ୟତା ମଧ୍ୟ ବୃଦ୍ଧି ପାଇଛି । ଯାହା ଫଳରେ କେନ୍ଦ୍ର ସରକାରଙ୍କ ଏହି ଏଜେନ୍ସୀ ନିଟ୍ ପରୀକ୍ଷା କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ କରିବା ପାଇଁ ଇଚ୍ଛା ପ୍ରକାଶ କଲେ ବୋଲି ସେ କହିଛନ୍ତି । ପ୍ରଫେସର ବେହେରାଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ କହିଲେ ଏହା କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଖୁସୀର ଖବର । କାରଣ ପୂର୍ବରୁ କେବେହେଲେ କେନ୍ଦ୍ର ସରକାରଙ୍କ ଏଜେନ୍ସୀ ନିଟ୍ ପାରୀକ୍ଷା କେନ୍ଦ୍ରାପଡ଼ା ଜିଲ୍ଲାର କୌଣସି ମହାବିଦ୍ୟାଳୟରେ କରି ନ ଥିଲେ । ହେଲେ ଚଳିତ ବର୍ଷ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏହି ପରୀକ୍ଷା ହେବା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଆମ ଜିଲ୍ଲାର ମେଡିକାଲ ପଢିବା ପାଇଁ ଆଶାୟୀ ଛାତ୍ରଛାତ୍ରୀମାନେ ଏହିଠାରେ ପ୍ରବେଶିକା ପାରୀକ୍ଷା ଦେବାର ସୁଯୋଗ ପାଇଲେ । ପ୍ରତିବର୍ଷ କିପରି ଏଠାରେ ସେଣ୍ଟର ପଡିବ ସେ ନେଇ ଆମେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବୁ ବୋଲି ପ୍ରଫେସର ବେହେରା କହିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM




MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray